ଶେଷ ଆକ୍ରମଣ

ଗଣତାନ୍ତ୍ରିକ ବିପ୍ଳବ ପର୍ବରେ
କମ୍ୟୁନିଷ୍ଟ ପାର୍ଟିର ପଥ ନିର୍ଦ୍ଦେଶ

Digitized by srujan ka@gmail.com

ଶେଷ ଆକ୍ରମଣ

[କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ର କମିଟିର ରାଜନୈତିକ ପ୍ରସ୍ତାବ
ଅଗଷ୍ଟ ୧୯୪୬]

(୧) ନୂଆ ସମସ୍ୟା

ଭାରତୀୟ ମୁକ୍ତି ଆନ୍ଦୋଳନ ଆସି ଶେଷ ଅଧ୍ୟାୟରେ ପହଞ୍ଚିଲାଣି । ସାମ୍ରାଜ୍ୟବାଦ ବିରୁଦ୍ଧରେ ଲୋକ ଆନ୍ଦୋଳନ ବଢ଼ି ଚାଲିଛି । ସାମ୍ରାଜ୍ୟ-ବାଦୀ ଶାସନକୁ ଶେଷଥର ପାଇଁ ଲୋପ କରି କ୍ଷମତା ହାତକୁ ଆଣିବା ଲାଗି ଏହି ଜନଆନ୍ଦୋଳନ ଏକ ନୂଆ ଅବସ୍ଥାରେ ଆସି ପହଞ୍ଚିଛି ।

ଲୋକଙ୍କର ଯେଉଁ ଅଭୂତପୂର୍ବ ଆନ୍ଦୋଳନ ହୋଇଛି ତାହାହିଁ ଏହାର ପ୍ରମାଣ ଦେଉଛି । ଜାତୀୟବାହିନୀର ଖଲାସ ଦାବୀ କରି ରାସ୍ତା ଘାଟ୍ ଶୋଭାଯାତ୍ରା ଓ ପଟୁଆରମାନ ହେଲା । ସାମ୍ରାଜ୍ୟବାଦୀ ଦମନ ଲୀଳାର ଗଣ-ପ୍ରତିରୋଧ ହେଲା । ସେହିସବୁ ଦିନଠାରୁ ଏ ଆନ୍ଦୋଳନର ସୁଅ ବଢ଼ି ଚାଲିଛି । [୧୯୪୫ ନଭେମ୍ବର ଓ ୧୯୪୬ ଫେବୃଆରୀ]

★ ଜୀବନକୁ ପାଣି ଛଡ଼ାଇ ଲୋକେ ପୋଲିସ ଓ ସୈନ୍ୟବାହିନୀର ଅତ୍ୟାଚାରକୁ ସାମନା କରୁଛନ୍ତି । ପୋଲିସ ଓ ସୈନ୍ୟବାହିନୀ ଉପରେ ଓଲଟି ଚଡ଼ାଉ କରୁଛନ୍ତି । [୧୯୪୫ ନଭେମ୍ବର ଓ ୧୯୪୬ ଫେବୃଆରୀରେ ଜାତୀୟବାହିନୀ ଲାଗି ହୋଇଥିବା କଲିକତା ସଭା ଓ ଶୋଭାଯାତ୍ରା ଏହାର ପ୍ରମାଣ]

★ ନୌବାହିନୀର ଆନ୍ଦୋଳନ ହେଲା । ଆକାଶବାହିନୀ ଭିତରେ ଧର୍ମଘଟ ହେଲା । ପୋଲିସମାନେ ଧର୍ମଘଟ କଲେ । ଏହିସବୁରୁ ଜଣାପଡ଼ୁଛି, ଯେ ସାମ୍ରାଜ୍ୟବାଦ ବିରୁଦ୍ଧରେ ଭାରତର ସୈନ୍ୟମାନଙ୍କ ଭିତରେ ଜାତୀୟ ପ୍ରତିରୋଧର ଭାବ ବଢ଼ି ଚାଲିଛି ।

Digitized by srujan ka@gmail.com

★ ସୈନ୍ୟ ଓ ପୋଲିସଙ୍କ ଭିତରେ ଅସନ୍ତୋଷ ବଢ଼ୁଛି । ନୌବାହିନୀ ବିଦ୍ରୋହ କଲାବେଳେ ଦେଶସାରା ପ୍ରତିବାଦମୂଳକ ଧର୍ମଘଟ ହୋଇଛି । ଅନେକ ସମୟରେ ଲୋକ ଓ ବିଦ୍ରୋହୀ ନାବିକଙ୍କ ଉପରେ ଭାରତୀୟ ସୈନ୍ୟ ଗୁଳି ଚଳାଇବାକୁ ମନା କରି ଦେଇଛନ୍ତି । ଏଥିରୁ ନୂଆ ରକମର ଜନଆନ୍ଦୋଳନର ଇସାରା ମିଳୁଛି ।

★ ଧର୍ମଘଟରେ ଢେଉ ଅତି ବିରାଟ ରୂପ ନେଇଛି । ଏପରି ଧର୍ମଘଟ ଯେବେ ଦେଖା ନ ଥିଲା । ଦେଶସାରା ଏକ ଏକ ଶିଳ୍ପରେ ପୂରାପୂରି ଧର୍ମଘଟ ହେଉଛି । ଏହି ଧର୍ମଘଟଗୁଡ଼ିକ ଗୋଟିଏ ଗୋଟିଏ ଜାଗାରେ ସବୁ ଶିଳ୍ପରେ ଏକ ନୂଆ ସାଧାରଣ ଧର୍ମଘଟର ରୂପ ନେବାର ମଧ୍ୟ ସମ୍ଭାବନା ରହିଛି । ଚାଷୀମାନେ ନୂଆ ଢଙ୍ଗ ପନ୍ଥାର ବାହାର କରୁଛନ୍ତି । କେବଳ ଚାଷୀ ମହାଜନ ଜମିଦାରଙ୍କ ଖାଦ୍ୟ ଭଣ୍ଡାରକୁ, ଛାଡ଼ିଥିବା ଚାଷୀ ଜମିଦାରର ଅନାବାଦୀ ଜମିକୁ ବଳପୂର୍ବକ ଆବାଦ କରୁଛନ୍ତି [ବଙ୍ଗଳାର କେତେକ ଜିଲ୍ଲାରେ] ଜମିଦାରୀ ପ୍ରଥା ବିରୁଦ୍ଧରେ ନୂଆ ଧରଣର ଚାଷୀ ଆନ୍ଦୋଳନର ଏହା ଆରମ୍ଭ ମାତ୍ର । ଜମିଦାରୀ ପ୍ରଥା ଓ ଅର୍ଦ୍ଧ ଦାସତ୍ୱର ଅସହ୍ୟ ଅବସ୍ଥା ବିରୁଦ୍ଧରେ ସ୍ଥାନୀୟ କେବେ ଏ ଯୁଦ୍ଧକୁ ବିରାଟ ଲଢ଼େଇରେ ପରିଣତ କରି ହେବ ।

★ ରାଜାରାଜୁଡ଼ା ଶାସନ ଓ ରାଜ-ଅତ୍ୟାଚାର ବିରୁଦ୍ଧରେ ଗଡ଼ଜାତ ଲୋକଙ୍କର ରାଜନୈତିକ ଆନ୍ଦୋଳନ ବଢ଼ି ଚାଲିଛି । କାଶ୍ମୀର ପ୍ରଜାଙ୍କର ପ୍ରସିଦ୍ଧ ସଂଗ୍ରାମ ଏହାର ନମୁନା । ରାଜାରାଜୁଡ଼ା ଶାସନ ଲୋପ କରିବା ଲାଗି ଗଡ଼ଜାତ ପ୍ରଜାଙ୍କର ନୂଆ ଆନ୍ଦୋଳନର ଏହା ଆରମ୍ଭ ମାତ୍ର

ଜନତନ୍ତ୍ରର ସାଲିସ ନୀତି–

କଂଗ୍ରେସ ଓ ଲିଗ ଦ୍ୱାରା ପରିଚାଳିତ ହୋଇ ଆମର ଅଧିକାଂଶ ଲୋକେ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଛନ୍ତି; ଠିକ୍ ଯେତେବେଳେ ଏ ଲୋକ ଅଭ୍ୟୁଦୟ ହେଉଛି । ଲୋକମାନଙ୍କ ଉପରେ ଏ ଦୁଇଟିଯାକ ଦଳର ପ୍ରବଳ ପ୍ରଭାବ ରହିଛି । ଏହି

Digitized by srujan ka@gmail.com

ପ୍ରସ୍ତାବର ସୁବିଧା ନେଇ ଦୁଇଟିଯାକ ଦଳର ନେତୃତ୍ୱ ସାଲିସ କାମ ଧରି ବୈପ୍ଳବିକ ଆନ୍ଦୋଳନକୁ ଅଟକାଇବା ବା ଭାଙ୍ଗିଦେବାର ସାହସ କରୁଛନ୍ତି ।

ଆନ୍ଦୋଳନ ଯେତେ ବଢି ଚାଲିଛି । ମାତ୍ର ନିଜର ସାଲିସ ନୀତିକୁ କାଏମ ରଖିବାକୁ କଂଗ୍ରେସ-ଲିଗ ନେତୃତ୍ୱ ନିଜ ଲୋକଙ୍କୁ ସେଥିରୁ ଅଲଗା ରଖୁଛନ୍ତି ।

ସାମ୍ରାଜ୍ୟବାଦ ସଙ୍ଗେ ସାଲିସ କଥା ଧରି ଉଭୟେ ପରସ୍ପର ଉପରେ ଦୋଷ ଦେବା କାମ ଧରିଛନ୍ତି । ସେମାନେ ସାମ୍ପ୍ରଦାୟିକ ମନୋଭାବକୁ ଉତ୍ତେଜାଉଛନ୍ତି । ନିଜେ ନିଜର ଅନୁଗାମୀଙ୍କୁ ପରସ୍ପର ବିରୁଦ୍ଧରେ ଲଗା-ଇବା ଫଳରେ ଅନେକ ସମୟରେ ହିନ୍ଦୁ ମୁସଲମାନ ଦଂଗା ହଙ୍ଗାମା ହେଉଛି । ଜନଆନ୍ଦୋଳନରେ ଲୋକେ ଯେବେ ସବୁ ଏକାଠି ହେଲା ବେଳେ ନେତାମାନେ ଲୋକମାନଙ୍କ ଭିତରେ ବିଭେଦ ଓ ଅଶାନ୍ତି ସୃଷ୍ଟି କରୁଅଛନ୍ତି । ଦେଶସାରା ସବୁ ଦଳର ସାଧାରଣ ଲୋକେ ସାଧାରଣ ଲଢ଼େଇ ଭିତରକୁ ଆସୁଛନ୍ତି । କଂଗ୍ରେସଲିଗ କର୍ତ୍ତାଉପରଙ୍କ ଭିତରେ ପରସ୍ପର ପ୍ରତି ଘୋର ବିଭେଦ ଓ ବିରୋଧିତା ରହିଛି । ସେହି ବିରୋଧିତା ଦୁଇଟିଯାକ ନେତୃତ୍ୱର ସାଲିସ ଓ ବିଭେଦନୀତି କାମ ଫଳରେ ଆହୁରି ବଢି ଚାଲିଛି । ସାଧାରଣ ଆନ୍ଦୋଳନ ବ୍ୟାପି ଯିବାରେ ଏହି କଥା ବଡ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି ।

ସାମ୍ରାଜ୍ୟବାଦୀ ଶାସନର ଅଟଳ ଅସ୍ତ୍ର ହେଉଛି ପୁଲିସ ଓ ସୈନ୍ୟ ବାହିନୀ । ଆଜି ସେହିମାନଙ୍କ ଭିତରେ ତାହାଙ୍କ ପ୍ରତିରୋଧର ଭାବ ବଢି ଚାଲିଛି । ଠିକ୍ ସେତିକିବେଳେ ଗଣଆନ୍ଦୋଳନକୁ ରୋକି ଦେଇ ଭାଙ୍ଗି ଦେବାକୁ ଦୁଇଟିଯାକ ବଡ ଦଳର ନେତୃତ୍ୱ ନିଜ ନୀତି ମୁତାବକ ଲାଗିଛନ୍ତି ।

ସାମ୍ରାଜ୍ୟବାଦୀ ଶାସନକୁ ଲୋପ ଥର ଲାଗି ମୂଳପୋଛ କରି ଲୋକେ ଆପଣା ହାତକୁ କ୍ଷମତା ନେବାକୁ ବସିଛନ୍ତି । ସେତିକିବେଳେ

Digitized by srujan ka@gmail.com

କଂଗ୍ରେସ ଓ ଲିଗ ସାଲିସ ନୀତି ଧରିଛନ୍ତି ଏବଂ ଏହି କ୍ଷମତା ବାଣ୍ଟି ଦେବା ଲାଗି ପରସ୍ପର ବିରୁଦ୍ଧରେ ବ୍ରିଟିଶ ସାମ୍ରାଜ୍ୟବାଦର ସାହାଯ୍ୟ ଭିକ୍ଷା କରୁଛନ୍ତି ।

ନିଜ ନିଜ ସଂଗଠନର ଉପରୁ ବୁନିଆଦ ପ୍ରଭାବଶାଳୀ ନେତା ହୋଇଥିବାରୁ ସେମାନେ ଏପରି ନୀତି ଧରି ପାରୁଛନ୍ତି । ଏହାହିଁ ବୈପ୍ଳବିକ ଶକ୍ତି ବଢିବାରେ ଅତି ପ୍ରବଳ ବାଧା ଉପୁଜାଉଛି । ଅସୀମ ଧୈର୍ଯ୍ୟ ଧରି ନେତାମାନଙ୍କର ଏହି ନୀତିକୁ ଲୋକଙ୍କୁ ବୁଝାଇ ପାରିଲେ ଲୋକମାନଙ୍କ ଭ୍ରମ ଭାଙ୍ଗିଯିବ ।

ଲୋକଙ୍କ ଆଗରେ ଦୁଇଟି ରାସ୍ତା । ହୁଏତ କଂଗ୍ରେସ ଓ ଲିଗର ବୁର୍ଜୁଆ ନେତୃତ୍ୱର ସାଲିସପନ୍ଥୀ ନୀତି ହେତୁ ସାମ୍ରାଜ୍ୟବାଦ ଏ ପ୍ରବଳ ଆନ୍ଦୋଳନକୁ ଦଳି ଦେବ । ଅଥବା ସର୍ବହରାର ପାର୍ଟି ସଠିକ କାର୍ଯ୍ୟକ୍ରମ କୌଶଳ ଓ ରାଜନୈତିକ ପନ୍ଥା ନେବା ଦ୍ୱାରା ଲୋକେ ଯେପରି ଭାବେ ନିଜ ଅସନ୍ତୋଷକୁ ପ୍ରକାଶ କରୁଛନ୍ତି ତାହାକୁ ଏକାଠି କରିବ । ସେହି ଅସନ୍ତୋଷର ବିକାଶ ଓ ବୃଦ୍ଧି ପଥରେ ସର୍ବଦା ଲାଗି ରହି ତାହାକୁ ନୂଆ ରୂପ ଦେବ । ବୁର୍ଜୁଆ ନେତୃତ୍ୱ ସବୁବେଳେ ଯେଉଁ ବାଧା ପକାଉଛି ତାହାକୁ ଦୂର କରି ଶେଷ ସଂଗ୍ରାମ ଲାଗି ଅବସ୍ଥା ସୃଷ୍ଟି କରିବ ।

ନୂଆ ମିଳିତ ସାମ୍ମୁଖ୍ୟ ଲାଗି ରଣ ଡାକ—

ଏହି ନୂଆ ଅବସ୍ଥାରେ ପାର୍ଟି ସାହସର ସହିତ ସମସ୍ତ ଜନ ଆନ୍ଦୋଳନକୁ ନେତୃତ୍ୱ ଦେବ । ଜନସାଧାରଣଙ୍କର ଲଢିବା ଶକ୍ତିକୁ ବଢ଼େଇବ । ବିଭିନ୍ନ ଦଳର ଲୋକସାଧାରଣଙ୍କୁ ଏହି ଆନ୍ଦୋଳନ ଭିତରକୁ ଟାଣି ଆଣିବ । ଏହାର ଫଳରେ ଭାରତୀୟ ଜନତାର ଏକ ନୂଆ ମିଳିତ ସାମ୍ମୁଖ୍ୟ (କଂଗ୍ରେସ-ଲିଗ-କମ୍ୟୁନିଷ୍ଟ) ଗଢି ହେବ ।

ଏହି ଦଳଗୁଡିକ ନିମ୍ନଲିଖିତ ରଣଡାକ ପଛରେ ଏକାଠି ହେବେ ।

Digitized by srujan ka@gmail.com

★ ଭାରତ ଛାଡ଼

★ ଲୋକଙ୍କ ହାତକୁ ସବୁ କ୍ଷମତା ଆସୁ ।

★ ଗଣତାନ୍ତ୍ରିକ ଭିତ୍ତିରେ କାର୍ଯ୍ୟକ୍ରମ କରାଯାଉ ।

ଜାତୀୟତାଗୋଷ୍ଠିମାନଙ୍କୁ ଆତ୍ମନିୟନ୍ତ୍ରଣ ଅଧିକାର ଓ ସାବାଳକ ଭୋଟ ଏବଂ ସଂଖ୍ୟା ଅନୁସାରେ ପ୍ରତିନିଧି ପଠାଇବା ବ୍ୟବସ୍ଥା ଥାଇ ଶାସନ ବିଧାୟକ ସଭା ଡକାଯାଉ ।

(୬) ସାମ୍ରାଜ୍ୟବାଦୀ ନୀତି

ଜାତୀୟ ଓ ଅନ୍ତର୍ଜାତିକ କ୍ଷେତ୍ରରେ ବ୍ରିଟିଶ ସାମ୍ରାଜ୍ୟବାଦ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଦୁର୍ବଳ ହୋଇ ଯାଇଅଛି । ବଞ୍ଚି ରହିବା ପାଇଁ ବ୍ରିଟିଶ ସାମ୍ରାଜ୍ୟବାଦ ପାଗଳ ପରି ଚେଷ୍ଟା କରୁଛି । ତେଣୁ ସୋଭିଏଟ ୟୁନିଅନ ବିରୁଦ୍ଧରେ, ୟୁରୋପରେ ବଢୁଥିବା ଗଣତାନ୍ତ୍ରିକ ଓ ବୈପ୍ଳବିକ ଶକ୍ତି ବିରୁଦ୍ଧରେ ଏବଂ ମଧ୍ୟପ୍ରାଚ୍ୟ ଓ ଏସିଆ ମହାଦେଶରେ ହେଉଥିବା ଜାତୀୟ ମୁକ୍ତି ସଂଗ୍ରାମ ବିରୁଦ୍ଧରେ ବ୍ରିଟିଶ ସାମ୍ରାଜ୍ୟବାଦ ଆମେରିକା ଯୁକ୍ତରାଷ୍ଟ୍ର ସଙ୍ଗେ ମିଶି ପଶ୍ଚିମଗୋଷ୍ଠୀ ଗଢ଼ିବାର ବିପଦପୂର୍ଣ୍ଣ କୌଶଳ କରୁଛି ।

ଭାରତ ପରି ତାହାର ସବୁଠୁଁ ବଡ଼ ଔପନିବେଶିକ ଘାଟି ଏହି କୌଶଳରେ ଗୁରୁତ୍ୱପୂର୍ଣ୍ଣ ଅଧିକାର କରିଛି । ମାତ୍ର ଦିନୁଁ ଦିନ ବଢ଼ୁଥିବା ଭାରତର ବୈପ୍ଳବିକ ଅଭ୍ୟୁଦୟ ତାହାର ଶାସନକୁ ବିପଦଗ୍ରସ୍ତ କରିଛି । ଏମିତି ହାଲତରେ ତାହାର ନିଜ ଶାସନକଳକୁ ସେ ନିଜେ ବିଶ୍ୱାସ କରି ପାରୁନାହିଁ ।

ନୂଆ ବ୍ରିଟିଶ ଚାଲ ଓ ନୀତି—

ସାମ୍ରାଜ୍ୟବାଦ ନିଜ ଶାସନକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ କଂଗ୍ରେସ ଲିଗର ବୁର୍ଜୋୟା ନେତୃତ୍ୱକୁ ଡାକିଲେଇ ସେମାନଙ୍କୁ ରାଜାମାନଙ୍କ ସଙ୍ଗେ ଏକାଠି କରିବାର ଫନ୍ଦି ଓ ଯୋଜନା ପ୍ରସ୍ତୁତ କରିଛି । ଏହା ହୋଇଗଲେ ସେ ନିଜ କ୍ଷମତାର ନୂଆ ଆସନ ପାତିବ ।

Digitized by srujan ka@gmail.com

ଏକ ନୂଆ ଅସ୍ଥାନକୁ ବଢୁଥିବା ବୈପ୍ଳବିକ ଶକ୍ତି ଉପରେ ମରଣ ମାଡ଼ ଚଢ଼ାଇବ ।

ଏହି ଯୋଜନା ଅନୁଯାୟୀ ସେ ଏହି ଶାସନ ବିଧାନ୍ୟକ ଯନ୍ତ୍ର ତିଆରିଛି ।

ଶାସନବିଧାନ୍ୟକ ପରିଷଦରେ ଯଦି ସେ କଂଗ୍ରେସ, ଲିଗ ଓ ସ୍ୱାର୍ଥାନ୍ୟ-ବର୍ଗକୁ ଏକାଠି କରି ପରିଷଦର କାମ ଶେଷ କରିବାରେ ସଫଳ ହୁଏ ତେବେ ସେଥିରୁ ସ୍ୱାଧୀନ ଓ ଗଣତାନ୍ତ୍ରିକ ଭାରତର ଶାସନ ଖସଡ଼ା ଉଦ୍ଭବ ନାହିଁ ।

ଏକ ପକ୍ଷରେ ଦେଶପ୍ରେମୀ ଦଳ ଓ ରାଜାମାନଙ୍କ ସମଝୋତାକୁ ମୂଳଦୁଆ କରି ବ୍ରିଟିଶ ଆଧିପତ୍ୟ ଜାରି ରହିବ ଓ ଅନ୍ୟପକ୍ଷରେ ଏହି ଦଳମାନଙ୍କ ଭିତରେ ବିବାଦ ଚିରସ୍ଥାୟୀ ହେବ ।

ପ୍ରକୃତ କ୍ଷମତା ହାତେ ଲୋକେ ଯେଉଁ ଲଢ଼େଇ କରୁ-ଛନ୍ତି ଏହି ଶାସନ ପଦ୍ଧତି ସେଇ ଲଢେଇରୁ ଲୋକଙ୍କ ମନକୁ ଟାଣି ଆଣିବା ପାଇଁ ଏକ ଅସ୍ତ୍ର ପରି କାମ କରିବ । ହିନ୍ଦୁ ମୁସଲମାନଙ୍କୁ ଅଲଗ ଅଲଗ କରିବାକୁ ଏହି ପରିଷଦ କୃତ୍ରିମ ସମସ୍ୟା ଉଠାଇବ । ଏହା ଦ୍ୱାରା ସାମ୍ପ୍ରଦାୟିକ ଦଙ୍ଗା ଓ ବିଭେଦ ଉତ୍ସାହିତ ହେବ ।

ଏହି ସାମ୍ରାଜ୍ୟବାଦୀ ଯୋଜନାର ଅଙ୍ଗ ହେଉଛି କେନ୍ଦ୍ରରେ ଏକ ଅସ୍ଥାୟୀ ସରକାର । କଂଗ୍ରେସ ଓ ଲିଗ ଉଭୟେ ମିଶି ଏହି ସରକାର ଗଢ଼ନ୍ତୁ ବୋଲି ସାମ୍ରାଜ୍ୟବାଦର ଉଦ୍ଦେଶ୍ୟ । ସାମ୍ରାଜ୍ୟବାଦକୁ ମାଲୁମ ଯେ ଏହି ଅସ୍ଥାୟୀ ସରକାର କଂଗ୍ରେସ ଓ ଲିଗ୍‌ର ବିଭେଦ ଉପରେ ଛିଡ଼ା ହେବ । ଏକ ପକ୍ଷରେ ସାମ୍ରାଜ୍ୟବାଦ ସାମନାରେ ଏହି ସରକାର ଦୁର୍ବଳ ହେବ । ମାତ୍ର ଅନ୍ୟ ପକ୍ଷରେ ବଢୁଥିବା ଜାତୀୟ ବୈପ୍ଳବିକ ଶକ୍ତିକୁ ଭାଙ୍ଗି ଚୂରମାର କରିଦେବା ପାଇଁ ଏହି ସରକାରକୁ ସୁବିଧାରେ ଲଗାଇ ହେବ ଏବଂ ଏହି ସରକାରର ପଛଆଡ଼େ ରହି ଏହାକୁ ହତିଆର ରୂପେ ବ୍ୟବହାର କରି ହେବ ।

Digitized by srujan ka@gmail.com

ଏହି ଯୋଜନାକୁ ସାମ୍ରାଜ୍ୟବାଦ କାର୍ଯ୍ୟକାରୀ କରି ପାରିବ ବୋଲି ଆଶା କରୁଛି । ନିଜ ନିଜର ନ୍ୟସ୍ତସ୍ୱାର୍ଥର ସଙ୍କୀର୍ଣ୍ଣ ସ୍ୱାର୍ଥ ରକ୍ଷା କରିବା ଲାଗି ଉଭୟେ କଂଗ୍ରେସ ଓ ଲିଗ୍ ନେତୃତ୍ୱ ସାମ୍ରାଜ୍ୟବାଦ ସଙ୍ଗେ ଓ ରାଜାରାଜୁଡ଼ାଙ୍କ ସଙ୍ଗେ ପୃଥକ୍ ମିଳାମିଶା ଚାହିଁବେ । ସାମ୍ରାଜ୍ୟବାଦ ଏପରି ଆଶା ବାନ୍ଧି ବସିଛି । ଦୁହେଁ ଏହି ନୀତି ଧରିବା ଫଳରେ ଭାରତର ବିଭେଦ ଛୁଟିଯିବା ପରିବର୍ତ୍ତେ ଅଧିକ ଗାଢ଼ ହେବ ।

ସାମ୍ରାଜ୍ୟବାଦୀ ଖେଳକୁ ଭାଙ୍ଗି ଦେବ

ସାମ୍ରାଜ୍ୟବାଦ କଳ୍ପନା କରୁଛି ଯେ ପରସ୍ପର ବିରୋଧୀ ଲୋକଙ୍କୁ ଏକାଠି କରି ଯେଉଁ ସୂକ୍ଷ୍ମ ଯୋଜନାଟି ଥୋଇଛି ତାହା କାର୍ଯ୍ୟକାରୀ କରି ହେବ । ଏହା ଯେ ନିଶ୍ଚୟ ସଫଳ ହେବ ଏପରି କିଛି କଥା ନୁହେଁ ।

ଭାରତ ଅନ୍ଦୋଳନକୁ ଯଦି କମ୍ୟୁନିଷ୍ଟ ପାର୍ଟି ଉପଯୁକ୍ତ ଭାବେ ନେତୃତ୍ୱ ଦେଇ ଏକାଠି କରି ପାରିବ ତେବେ ଏହି ଅନ୍ଦୋଳନ ଭିତରେ ଗଢ଼ି ଉଠୁଥିବା ସାଧାରଣ ଲୋକଙ୍କ ଏକତା ହିଁ କଂଗ୍ରେସ ଓ ଲିଗ୍ ନେତୃତ୍ୱର ସାଜସ ଓ ବିଭେଦକାରୀ ନୀତିକୁ ପରାସ୍ତ କରିଦେଇ ପାରିବ ।

ମନମୁଖୀ ଶାସନ ବିରୁଦ୍ଧରେ ଗଡ଼ଜାତ ପ୍ରଜାମାନେ ଯେଉଁ ଅନ୍ଦୋଳନ କରୁଛନ୍ତି ସେଥିପ୍ରତି ମୋଗଲବନ୍ଦୀ ଲୋକଙ୍କର ସମର୍ଥନ ବଢ଼ି ଚାଲିଛି । ଏହି ସମର୍ଥନହିଁ ରାଜାରାଜୁଡ଼ାଙ୍କ ସଙ୍ଗେ କଂଗ୍ରେସ ଓ ଲିଗ୍ ନେତୃତ୍ୱର ମିଳନ ଉଦ୍ୟମକୁ ରୋକି ଦେଇ ପାରିବ ।

(୩) କଂଗ୍ରେସ ଲିଗ୍ ନେତୃତ୍ୱର ନୀତି

୧୯୪୨ ଠାରୁ କଂଗ୍ରେସର ସମ୍ମାନ ଓ ତା ପଛରେ ଜନସମର୍ଥନ ଖୁବ୍ ବଢ଼ିଛି । କଂଗ୍ରେସର ଜାତୀୟ ବୁର୍ଜୁଆ ନେତୃତ୍ୱ ଏହାର ଉପରେ ଭରସା ରଖିଛି । ନୂଆ ବୈପ୍ଳବିକ ଅଭ୍ୟୁଦୟ ହେଲାବେଳେ ଏହି ନେତୃତ୍ୱ ନିଜ କ୍ଷମତା ବଳରେ ଅନ୍ଦୋଳନର ଧମକ ମାତ୍ର ଦେଉଛି ।

Digitized by srujan ka@gmail.com

ଏବଂ ଏହି ଧମକ ଦେଇ ସାମ୍ରାଜ୍ୟବାଦୀ ଯୋଜନାକୁ ନିଜକୁ ସୁହାଇଲା ପରି ନକ୍ସା ଉଠାଇବାକୁ ସାହସ କରୁଛି ।

★ ଗଣ ଆନ୍ଦୋଳନକୁ ଏହି ନେତୃତ୍ୱ ମୁହଁ ଫେରାଇ ଆଣିଛି । ଏହାର ଫଳରେ ଭାବୁଛି ଯେ ଭଲ ସର୍ତ୍ତ ଦେଇ ବ୍ରିଟିଶ ଏହା ସଙ୍ଗେ ମିଳାମିଶା କରି ନେବ ।

★ ଗଡ଼ଜାତ ଆନ୍ଦୋଳନ ଉପରେ ଏହି ନେତୃତ୍ୱର ପ୍ରଭାବ ପଡୁଛି । ତାହାର ସୁଯୋଗ ନେଇ ଗଡ଼ଜାତ ଲୋକଙ୍କର ସଂଗ୍ରାମକୁ ଏହା ଖୋଲଖୋଲ ବିରୋଧ କରୁଛି । ଫଳରେ ରାଜାମାନେ ଏହା ସଙ୍ଗରେ ମିଳାମିଶା କରି ନେବେ ବୋଲି ଭାବନ୍ତି ।

★ ଭାଷା ଓ କୃଷ୍ଟି ସମ୍ବଳିତ ଜାତୀୟ ଗୋଷ୍ଠୀମାନଙ୍କୁ ଆତ୍ମନିୟନ୍ତ୍ରଣ ଅଧିକାର ଦେଲେ ଭାରତର ସ୍ଥାୟୀ ଏକତା ଗଢ଼ା ଯାଇ ପାରନ୍ତା, ମାତ୍ର କଂଗ୍ରେସ ନେତୃତ୍ୱ ଏହାକୁ ଅସ୍ୱୀକାର କରୁଛି । ଫଳରେ ସାଧାରଣ ମୁସଲମାନ ଜନତାକୁ ସାଧାରଣ ଆନ୍ଦୋଳନ ଭିତରକୁ ଟାଣି ଆଣିବାକୁ ଅସମର୍ଥ ହୋଇଅଛି ।

★ ଗୋଟିଏ ପ୍ରଦେଶକୁ ଅନ୍ୟ ପ୍ରଦେଶ ସହ ଜବରଦସ୍ତି ଯୋଡ଼ି ଦଳ ବାନ୍ଧିବାକୁ ସାମ୍ରାଜ୍ୟବାଦ ଯେଉଁ ଯୋଜନା କରୁଛି, କଂଗ୍ରେସ ତାହାର ଉଚିତ ବିରୋଧ କରୁଛି ।

ଅନ୍ୟ ପକ୍ଷରେ ଠିକ୍ ସେହି ଯୋଜନାର ସୁଯୋଗ ନେଇ ଜାତୀୟ ଗୋଷ୍ଠୀମାନଙ୍କ ମୂଳ ଆତ୍ମନିୟନ୍ତ୍ରଣ ଅଧିକାର ଅସ୍ୱୀକାର କରୁଛି । ଅହୁରି ମଧ୍ୟ ଦାୟିତ୍ୱମୂଳକ କେନ୍ଦ୍ର ସରକାର ବସାଇବାକୁ ଉଦ୍ୟମ କରୁଛି ।

ବ୍ରିଟିଶର କୃପା ଖଟେଇ କଂଗ୍ରେସ ନେତୃତ୍ୱ ଲିଗର ବୁର୍ଜୁୟା ଓ ସାମନ୍ତୀୟ ନେତୃତ୍ୱ ଉପରେ ସାଲିସ ଲଦି ଦେବାକୁ ବସିଛି ।

Digitized by srujan ka@gmail.com

କଂଗ୍ରେସର ସାଲିସ ନୀତି—

ଭାରତର ସ୍ୱାଧୀନତା, ଭାରତୀୟ ଏକତା, ଭାରତୀୟ ଗଣତନ୍ତ୍ର ପ୍ରଭୃତି ବଡ଼ ବଡ଼ କଥା କଂଗ୍ରେସ କହୁଛନ୍ତି । ଏହି ବୋଲି ଆଢୁଢ଼େଇ କଂଗ୍ରେସ ନେତୃତ୍ୱ ନିଜର ଆନ୍ଦୋଳନ ବିରୋଧୀ, ସାଲିସ ଓ ବିଚ୍ଛେଦକାରୀ, ମୁସଲିମ ବିରୋଧୀ ନୀତିକୁ ଘୋଡ଼ାଇ ରଖିଛନ୍ତି ।

କଂଗ୍ରେସ, ଲୋକଙ୍କୁ କହୁଛି ଯେ, ଏକ ସ୍ୱାଧୀନ ଅସ୍ଥାୟୀ ସରକାର ହେବ ଏବଂ ଶାସନ ବିଧାୟକ ସଭାରୁ ଏକ ସ୍ୱାଧୀନ ଭାରତର ଜନ୍ମ ହେବ ।

କିନ୍ତୁ ଏହି ନେତୃତ୍ୱର ଆନ୍ଦୋଳନ-ବିରୋଧୀ ଓ ସାଲିସ-ପନ୍ଥୀ ନୀତି ଯୋଗୁଁ ଫଳ ଠିକ୍ ଓଲଟା ହେବ । ଘଟଣା-ଚକ୍ରରେ କଂଗ୍ରେସ-ପ୍ରେମୀଙ୍କ ପାଖରେ ଏହି ନେତୃତ୍ୱର ଦେଉଳିଆ ପଣ ଧରା ପଡ଼ିବ ।

ଶାସନ ବିଧାୟକ ସଭା ବସିବା ମାତ୍ରକେ ଗୋଟିଏ ପରେ ଗୋଟିଏ ଅଚଳ ଅବସ୍ଥା ସୃଷ୍ଟି ହେବ ।

ଯଦି ଅସ୍ଥାୟୀ ସରକାର ହୁଏ, ତେବେ ଏହା ଶୁରୁବେଳେ ସାଲିସ ମନୋବୃତ୍ତି ଧରିବ । ଲୋକଙ୍କର ନିତ୍ୟାନ୍ତ ଦରକାର ସମସ୍ୟାକୁ ସମାଧାନ କରିବାକୁ ଅକ୍ଷମ ହେବ । ଅନ୍ୟ ପକ୍ଷରେ ଲୋକଙ୍କର ଆନ୍ଦୋଳନକୁ ଦବାଇବାକୁ ଏହି ସରକାର ଆଗଉର ହେବ ।

ଅଧିକାଂଶ ମୁକ୍ତିକାମୀ ମୁସଲମାନଙ୍କର ସମର୍ଥନ ମୁସଲିମ ଲିଗ ନେତୃତ୍ୱ ପାଇ ପାରୁଛି । ମୁସଲମାନମାନଙ୍କ ଭିତରେ ଯେଉଁ ସାମ୍ରାଜ୍ୟ-ବାଦ ବିରୋଧୀ ଅଭ୍ୟୁଦୟ ହୋଇଛି, ତାହାକୁ ଏହି ନେତୃତ୍ୱ ଛାତ୍ରଭ ଓ ଏକଘ କରିଛି । ମାତ୍ର ଲିଗ୍ ନେତୃତ୍ୱ ଏହି ଆନ୍ଦୋଳନକୁ ଭୁଲ ବାଟରେ ଚଳେଇ ଅଲଗା ହେବା ପାଇଁ ଏକ ମେଣ୍ଟ ଗଢ଼ିଛି ।

ଏହା ଭାରତର ସ୍ୱାଧୀନତା ଚାହେଁ ବୋଲି ଦାବୀ କରେ । ମାତ୍ର ଉତ୍ତରପୂର୍ବ ଓ ଉତ୍ତର ପଶ୍ଚିମରେ ଅଲଗା ମୁସଲିମ ରାଷ୍ଟ୍ର ଚାହେଁ । ସେହି ରାଷ୍ଟ୍ରରେ ଶତକଡ଼ା ୪୦ ଜଣ ଯେଉଁ ଅମୁସଲମାନ ରହିବେ ସେମାନଙ୍କୁ ଗଣତାନ୍ତ୍ରିକ କୋଠ କ୍ଷମତା ଦେବାକୁ ଚାହେଁ ନାହିଁ । ସେହି ଅଞ୍ଚଳରେ

Digitized by srujan ka@gmail.com

ଥିବା ଅନ୍ୟାନ୍ୟ ଜାତିଙ୍କୁ ଗୋଷ୍ଠୀଙ୍କୁ ଆତ୍ମନିୟନ୍ତ୍ରଣ ଅଧିକାର ଦେବାକୁ ମଧ୍ୟ ଚାହେଁ ନାହିଁ ।

ମିଳିତ ସ୍ୱାତନ୍ତ୍ର୍ୟ ଗଢ଼ିବାରେ ଲିଗ ପକ୍ଷରୁ ବାଧା

ଏହି ଅଗଣତାନ୍ତ୍ରିକ ଦାବୀକୁ ମାନିଲେ ଯାଇ ଲିଗ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବ ବୋଲି ସର୍ତ୍ତ ରଖିଛି । ଏହି ଭିତ୍ତି ଉପରେ କଂଗ୍ରେସ ସଙ୍ଗେ ଦର କଷାକଷି କରୁଛି ଏବଂ ସାମ୍ରାଜ୍ୟବାଦୀ ଯୋଜନାକୁ ନାପସନ୍ଦ କରିବାର ବାହାନା କରୁଛି ।

ମାତ୍ର ମୁସଲିମଲିଗ ମିଳିତ ସ୍ୱାତନ୍ତ୍ର୍ୟ ଗଢିବାରେ ବାଧା ଦେଇ ସେ ସାମ୍ରାଜ୍ୟବାଦ ଠାରୁ ନିଜ ଦାବୀଗୁଡ଼ିକ ପାଇଯିବ ବୋଲି ଆଶା ବାନ୍ଧିଛି ।

ଲିଗ ନେତୃତ୍ୱ ମନ୍ତ୍ରୀ ପରିଷଦର ଯୋଜନାକୁ ଗ୍ରହଣ କରିଥିଲା । କାରଣ, ଏହା କହିଥିଲା ଯେ ଗୋଟିଏ ପ୍ରଦେଶ ସଙ୍ଗେ ଅନ୍ୟ ପ୍ରଦେଶକୁ ବାଧ କରି ଯୋଡ଼ି ବ୍ରିଟିଶ ସାମ୍ରାଜ୍ୟବାଦ ସାହାଯ୍ୟରେ ପାକିସ୍ଥାନ ଓ ଖଣ୍ଡ ଖଣ୍ଡ ଭାରତ କରି ହେବ ।

କଂଗ୍ରେସ ନେତା ସଙ୍ଗେ ଲିଗ ନେତା ଠିକ୍ ସମାନ ସମାନ ଚାଲନ୍ତି । ଏହି ଯୋଜନାକୁ ଗ୍ରହଣ କରି କଂଗ୍ରେସ କହୁଥିଲା ଯେ ବ୍ରିଟେନର ସାହାଯ୍ୟ ନେଇ ସେ ଭାରତକୁ ଜବରଦସ୍ତ ଏକାଠି ରଖିବ ଏବଂ ପାକିସ୍ଥାନକୁ ବାଏଁ ବାଏଁ ଉଡ଼ାଇଦେବ ।

ଲିଗ୍ ନେତୃତ୍ୱ ଏବେ ଯୋଜନାକୁ ଗ୍ରହଣ କରିବାକୁ ନାସ୍ତି କରି ଦେଇ ପାକିସ୍ଥାନ ଲାଗି ଆନ୍ଦୋଳନର ଧମକ ଦେଉଛନ୍ତି ! ମାତ୍ର ଏବେ ସୁଦ୍ଧା ତାହା ବ୍ରିଟିଶ ସରକାରଙ୍କ ସଙ୍ଗେ ସାଲିସ କରୁଛି । ବ୍ରିଟିଶ ସରକାର ଜବରଦସ୍ତି ଏକ ପ୍ରଦେଶ ସଙ୍ଗେ ଅନ୍ୟ ପ୍ରଦେଶ ଯୋଡ଼ି ଦେଉ; ଅସ୍ଥାୟୀ ସରକାରରେ ବଡ଼ଲାଟଙ୍କ କ୍ଷମତା ଜାରି ରହୁ ଏବଂ

Digitized by srujan ka@gmail.com

ଲୋକଙ୍କ ହାତକୁ କ୍ଷମତା ନ ଆସୁ, ଏହି ସବୁ କଥା ସାଲିସର ମୂଳସୂତ୍ର ହେଉ ବୋଲି ଲିଗର ଦାବୀ।

ଘଟଣା-ଚକ୍ରରେ ମୁସଲମାନ ଜନତାର ସ୍ୱାଧୀନତା ଓ ଗଣତନ୍ତ୍ରର ଆକାଂକ୍ଷା ସଙ୍ଗେ ଲିଗ ନେତୃତ୍ୱର ଦେଉଳିଆ-ସାଲିସ ଓ ବିଚ୍ଛେଦବାଦୀ ନୀତିର ବିରୋଧ ଘଟିବ। ଏହା ଫଳରେ ମୁସଲମାନ ଜନତାର କ୍ରମ ବର୍ଦ୍ଧ ଚେତନା ଆସିଯିବ।

ଏହାପରେ କଂଗ୍ରେସ ଓ ଲିଗ୍ ଦୁହେଁ ପାକିସ୍ଥାନ ଓ ଭାରତର ଏକତା ପ୍ରଶ୍ନର ସମାଧାନକୁ ଲୋକଙ୍କ ଗଣତାନ୍ତ୍ରିକ ମତ ଉପରେ ଛାଡ଼ି ଦେଉ ନାହାନ୍ତି। ତେଣୁ ସାମ୍ରାଜ୍ୟବାଦ ବିରୁଦ୍ଧରେ ମିଳିତ ସଂଗ୍ରାମ ପାଇଁ ମେଣ୍ଟ ବାନ୍ଧୁ ନାହାନ୍ତି। ବରଂ ପରସ୍ପର ବିରୁଦ୍ଧରେ ଉଭୟ ଦଳ ସାମ୍ରାଜ୍ୟବାଦ ସଙ୍ଗେ ଅଲଗା ଚୁକ୍ତି କରିନେବେ ସେଥିଲାଗି ଧାଇଁଛନ୍ତି। ଏହା ଫଳରେ ସାମ୍ରାଜ୍ୟ-ବାଦୀ ଉଦ୍ଦେଶ୍ୟ ସଫଳ ହେବା ପାଇଁ ଦୁହେଁ ବାଟ ସଫା କରୁଛନ୍ତି।

ସୁଛାମାନଙ୍କୁ ଯେନ କଂଗ୍ରେସ ଓ ଲିଗର ବୁର୍ଜୁୟା ନେତୃତ୍ୱ ସଙ୍ଗେ ଗୋଟିଏ ପ୍ରତିକ୍ରିୟାଶୀଳ ମେଣ୍ଟ ବାନ୍ଧି ସାମ୍ରାଜ୍ୟବାଦ ଭାବିଛି, ଯେ ତାର ଗୋଲମୀର ଯୋଜନା ଜବରଦସ୍ତି ଭାରତ ଉପରେ ଲଦି ଦେବ। ଏହି କୌଶଳ ସେ ସଫଳ ହେବହିଁ ହେବ ଏମିତି କିଛି କଥା ନୁହେଁ।

ଏ କଥା ସତ, କଂଗ୍ରେସ ଓ ଲିଗର ବୁର୍ଜୁୟା ନେତୃତ୍ୱ ଭାରତର ଅତି ଶକ୍ତିଶାଳୀ ନ୍ୟସ୍ତସ୍ୱାର୍ଥଙ୍କ ତରଫ ନେଇ ସାମ୍ରାଜ୍ୟବାଦ ସଙ୍ଗେ ସାଲିସ କରୁଛି। ଏହି ବାଟ ଧରି ଦୁଇଟିଯାକ ନେତୃତ୍ୱ ବୈପ୍ଳବିକ ଅଭ୍ୟୁତ୍ଥାନକୁ ଅଟକାଇ ଦେବେ ବୋଲି ଭାବୁଛନ୍ତି।

ମାତ୍ର ଏ କଥା ମନେ ରଖିବାକୁ ହେବ, ଦୁଇଟିଯାକ ନେତୃତ୍ୱ ଲୋକଙ୍କ ପାଖରେ ଦାୟୀ। ଜନସାଧାରଣଙ୍କର

Digitized by srujan ka@gmail.com

ସାମ୍ରାଜ୍ୟବାଦୀ ବିରୋଧଭାବ ବଢୁଛି । ସେହି ଶକ୍ତିହିଁ ଏ ସାଲିସକୁ ଭାଙ୍ଗି ଦେଇ ପାରେ ।

ସାମ୍ରାଜ୍ୟବାଦ ଏହି ଯୋଜନାକୁ ଲଦି ଦେବାକୁ ଉଦ୍ୟମ କରିବ । ସେତେବେଳେ ଉଭୟ ନେତୃତ୍ୱ ସଙ୍ଗେ ସାମ୍ରାଜ୍ୟବାଦର ମତଭେଦ ହେବ । ଏହି ସଂଘର୍ଷକୁ ସାମ୍ରାଜ୍ୟବାଦ ସବୁବେଳେ କଂଗ୍ରେସ ଲିଗ୍ ସଂଘର୍ଷରେ ପରିଣତ କରିବ ଅବା ହିନ୍ଦୁ ମୁସଲମାନ ସଂଘର୍ଷରେ ପରିଣତ କରିବାକୁ ଚେଷ୍ଟା କରିବ । ଏହି ସଂଘର୍ଷ ଉପୁଜାଇ ସେ ନିଜ ଯୋଜନାକୁ ଲଦିବାର ବାଟ ସଫା କରିବ ।

କମ୍ୟୁନିଷ୍ଟ ପାର୍ଟି ପ୍ରତ୍ୟେକ ଅବସ୍ଥାରେ ପ୍ରଥମେ ବ୍ରିଟିଶ ଯୋଜନାର ସ୍ୱାଧୀନତା ବିରୋଧୀ, ଗଣତନ୍ତ୍ର ବିରୋଧୀ, ପ୍ରତିକ୍ରିୟାଶୀଳ ରୂପକୁ ପଦାରେ ପକାଇବ । ଦ୍ୱିତୀୟରେ ପ୍ରତ୍ୟେକ କ୍ଷେତ୍ରରେ କଂଗ୍ରେସ ଲିଗର ମିଳିତ ଉଦ୍ୟମରେ ଏହି ଯୋଜନାକୁ ଭାଙ୍ଗି ସ୍ୱାଧୀନତା ଲାଗି ମିଳିତ ସଂଗ୍ରାମ ଚଳାଇବା ପାଇଁ ନିର୍ଦ୍ଦିଷ୍ଟ ବାଟ ବତେଇବ ।

ଉଭୟଙ୍କ ମେଳ ହେଉ ବା ଗୋଟିଏ ଦଳକୁ ଦେବ ହେଉ ଯଦି ମଧ୍ୟବର୍ତ୍ତୀକାଳୀନ ସରକାର ଗଢ଼ାଯାଏ ତେବେ ବି ଆମର ଏହି ଦୃଷ୍ଟିକୋଣ ରହିବ । କାରଣ ସେତେବେଳେ ମଧ୍ୟ କଂଗ୍ରେସ ଓ ଲିଗ ନେତୃତ୍ୱ ସଙ୍ଗେ ସାମ୍ରାଜ୍ୟବାଦର ସଂଘର୍ଷ ପୁରାପୁରି ଲୋପ ହୋଇ ନ ଥିବ ।

(୪) କମ୍ୟୁନିଷ୍ଟ ପାର୍ଟି ଓ ସାମ୍ରାଜ୍ୟବାଦୀ ଯୋଜନା

କମ୍ୟୁନିଷ୍ଟ ପାର୍ଟି ପୁରାପୁରି ସାମ୍ରାଜ୍ୟବାଦୀ ଯୋଜନାକୁ ଅଗ୍ରାହ୍ୟ କରୁଛି । କମ୍ୟୁନିଷ୍ଟପାର୍ଟି କହୁଛି, ଯେ ଏହା ଏକ ସାମ୍ରାଜ୍ୟବାଦୀ ଷଡ଼ଯନ୍ତ୍ର । ଏହି ଷଡ଼ଯନ୍ତ୍ର ଆମର ବଢୁଥିବା ଗଣ-ଆନ୍ଦୋଳନକୁ ଚୂରମାର କରିବ, ଆମ ମୁକ୍ତି ସଂଗ୍ରାମକୁ ଭାଗ ଭାଗ କରିବ, ନୂଆ ରୂପରେ ସାମ୍ରାଜ୍ୟବାଦୀ ଓ ସାମନ୍ତବାଦୀ ରାଜୁତି ବଜାୟ ରଖିବ ।

Digitized by srujan ka@gmail.com

ପ୍ରସ୍ତାବିତ ଶାସନ ବିଧାୟକ ପରିଷଦ ଏକ ପ୍ରତାରଣା । ଏହା ସାର୍ବଭୌମ ହେବ ନାହିଁ । ଏହା ବରଂ ଏକ ସାମ୍ରାଜ୍ୟବାଦୀ ଜାଲ । ସାମ୍ରାଜ୍ୟବାଦ ସବୁବେଳେ ଏଥିରେ ନିଜର କର୍ତ୍ତୃତ୍ୱମାନ ଲଦିବ । ତେଣୁ ଏହି ପରିଷଦରେ ବିଭେଦ ଓ ସ୍ୱରଗସ୍ତ ଦାସତ୍ୱର ପୁନର୍ଜନ୍ମ ହେବ । ଏହାଛଡ଼ା ଅନ୍ୟ କିଛି ହେବ ନାହିଁ ।

ଆମ ପାର୍ଟିର ଜଣେ ମାତ୍ର ପ୍ରତିନିଧି ଶାସନ ବିଧାୟକ ସଭାରେ ଅଛନ୍ତି । ସେହି ଜଣକ ପ୍ରତିନିଧି ଜରିଆରେ ପାର୍ଟି ଏହି ଯୋଜନାର ପ୍ରତ୍ୟେକ ଅଂଶକୁ ପଦାରେ ପକାଇବ । ଯେଉଁ ସବୁ ବିଭେଦ ଉପୁଜିବ ତାହା ଯେ ପରିଷଦର ଅଗଣତାନ୍ତ୍ରିକ ଓ ଅସାର୍ବଭୌମ ଗୁଣ ହେତୁ ହେଉଛି ଏ କଥା ପାର୍ଟି ପ୍ରମାଣ କରିବ । ଏହି ପରିଷଦକୁ ଭାଙ୍ଗି ଦେବା ଲାଗି କଂଗ୍ରେସ ଲିଗର ମିଳନ ପାଇଁ ପାର୍ଟି ନିର୍ଦ୍ଦିଷ୍ଟ ପ୍ରସ୍ତାବମାନ ବାଢ଼ିବ ।

ସାମ୍ରାଜ୍ୟବାଦୀ ଯୋଜନାରେ ଥିବା ଅସ୍ଥାୟୀ ସରକାର ଏକ ନୁଆଁଣିଆ ଓ ସାଲିସ ପନ୍ଥୀ ସରକାର ହେବ । ଏ କଥା ପାର୍ଟି ପ୍ରମାଣ କରିବ ।

> ଏହି ଅସ୍ଥାୟୀ ସରକାର, ଲୋକପ୍ରିୟ ଦଳ ଦୁଇଟି ଭିତରୁ ଗୋଟିକ ଦ୍ୱାରା ବା ଦୁଇଟିଯାକ ଦ୍ୱାରା ଗଠିତ ହେଉ ପଛେ ଏହା ଓ୍ୟାଭେଲ ସାମନାରେ ଦୁର୍ବଳ ହେବ । ଓ୍ୟାଭେଲ ତେଣୁ ଏହାକୁ ଶିଖଣ୍ଡି କରି ବୈପ୍ଳବିକ ଆନ୍ଦୋଳନ ଉପରେ ଚଢ଼ାଉ କରିବ ।

ଆମ ପାର୍ଟି ଏହି ଦଳମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ସରକାରରେ ଯୋଗ ଦିଅ ନାହିଁ ବୋଲି ସାବଧାନ କରୁଛି ।

କିନ୍ତୁ ଯଦି ସରକାର ଗଠିତ ହୋଇଯାଏ (ଏବେ ହୋଇ ଯାଇଛି) ତେବେ ଏହା ଯେମିତି ଆହୁରି ତଳକୁ ଖସି ନ ପଡ଼େ ବା ଅଧିକ ସାଲିସ ଓ ଆତ୍ମସମର୍ପଣ ନ କରିବ ସେଥିଲାଗି ଆମ ପାର୍ଟି ଜନସାଧାରଣଙ୍କୁ ଏକାଠି କରି ସରକାର ଠାରେ ନିମ୍ନଲିଖିତ ଦାବିମାନ କରିବ ।

Digitized by srujan ka@gmail.com

★ ସାରା ଭାରତରେ ପୂର୍ଣ୍ଣ ଜାତୀୟ ସ୍ୱାଧୀନତା ମିଳୁ ।

★ ବ୍ରିଟିଶ ସେନାକୁ ନିକାଳି ଦିଆଯାଉ ।

★ ମଜଦୁରମାନେ ବେଶୀ ଦରମା ଓ ଭଲ ଅବସ୍ଥା ଲାଗି ଯେଉଁ ଧର୍ମଘଟ କରୁଛନ୍ତି ସେଥିରେ ପୁଲିସ ଓ ସୈନ୍ୟ ହସ୍ତକ୍ଷେପ କରିବେ ନାହିଁ ।

★ ଜମିଦାର ଓ ମଜୁତଦାରୀଙ୍କ ବିରୁଦ୍ଧରେ କୃଷୀମାନଙ୍କ ଆନ୍ଦୋଳନକୁ ଦବେଇ ନ ଦିଆଯାଉ ।

★ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲୋକମାନଙ୍କର ସଭା ଓ ଶୋଭାଯାତ୍ରାକୁ ସମର୍ଥନ ଦିଆଯାଉ ।

★ ମୁନାଫାଖୋର, ଚୋରାବଜାରୀ ଓ ଜମିଦାରଙ୍କୁ ନିପାତ କଲା-ଭଳି ବ୍ୟବସ୍ଥା କରାଯାଉ ।

ସାମ୍ରାଜ୍ୟବାଦୀ ଯୋଜନାର ଦେଶବିଭାଜନ ଘଣ୍ଟା-ଚକ୍ରରେ ଯେତେ ଯେତେ ଓଡ଼ାରେ ପଡ଼ିବ କଂଗ୍ରେସ ଓ ଲିଗର ସାଧାରଣ କର୍ମୀମାନଙ୍କର ଏ ଯୋଜନା ସଂବନ୍ଧରେ ସେତେ ସେତେ ଭ୍ରମ ଦୂରିଯିବ । ଅବଶ୍ୟ ଏହା ଫଳରେ ଛବଁ ଛବଁ ସାମ୍ନା ହୋଇ ମୁକ୍ତି ଲାଗି ମିଳିତ ସଂଗ୍ରାମ ହୋଇପିବ ନାହିଁ ।

(୫) ମୁଖ୍ୟ ରାଜନୈତିକ ରଣଡାକ

ସ୍ୱାଧୀନତାର ମିଳିତ ସଂଗ୍ରାମ, ଗଣତନ୍ତ୍ର, ଆତ୍ମନିୟନ୍ତ୍ରଣ ପାଇଁ କଂଗ୍ରେସ, ଲିଗ ଓ ଅନ୍ୟାନ୍ୟ ଦଳ [ବିଶେଷତଃ ଦଳିତ ଜାତି, ଶିଖ ପ୍ରଭୃତି ସଂଖ୍ୟାଲଘୁ ଦଳ] ମାନଙ୍କୁ ଏକାଠି କରିବା ଲାଗି ପାର୍ଟି ନିମ୍ନଲିଖିତ ମୁଖ୍ୟ ରଣଡାକ ଦେବ ।

ଲୋକଙ୍କ ହାତକୁ ସବୁ କ୍ଷମତା ଆସୁ । ପ୍ରତ୍ୟେକ ଜାତୀୟ ଗୋଷ୍ଠୀକୁ ଆତ୍ମନିୟନ୍ତ୍ରଣ ଅଧିକାର ଦିଆଯାଉ । ସାବାଳକ ଭୋଟ କ୍ଷମତା ଓ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଦେଇ ଶାସନ ବିଧାନ ସଭା ଡକାଯାଉ ।

Digitized by srujan ka@gmail.com

ପାର୍ଟି ତାହା ସଙ୍ଗେ ସଙ୍ଗେ ଲୋକମାନଙ୍କ ଆଗରେ ଗଣତାନ୍ତ୍ରିକ ବିପ୍ଳବର କାର୍ଯ୍ୟକ୍ରମ ରଖୁଛି । ଏହି ବିପ୍ଳବ ଫଳରେ ସମସ୍ତେ ସ୍ୱାଧୀନ ହେବେ, କୃଷକମାନେ ଜମି ପାଇବେ । ଅନ୍ୟ ସମସ୍ତେ ଭଲ ଚାକିରି ପାଇବେ ଏବଂ ସମସ୍ତଙ୍କର ସୁଖରେ ରହିବାର ବ୍ୟବସ୍ଥା ହୋଇ ପାରିବ ।

ବ୍ରିଟିଶ ଉପରେ ଶେଷ ଆକ୍ରମଣ ପାଇଁ ଲୋକପ୍ରିୟ ଦଳମାନଙ୍କର [କଂଗ୍ରେସ-ଲିଗ-କମ୍ୟୁନିଷ୍ଟ ପ୍ରଭୃତି] ମିଳିତ ସାମ୍ମୁଖ୍ୟ ଗଢ଼ିବା ଲାଗି ପାର୍ଟି ଡାକ ଦେବ ।

ଗଣତାନ୍ତ୍ରିକ ବିପ୍ଳବର କାର୍ଯ୍ୟ ସୂଚୀ–

ସାବାଳକ ଭୋଟ ଉପରେ ପ୍ରତିଷ୍ଠିତ ଶାସନ ବିଧାୟକ ସଭାର ଏହି କେନ୍ଦ୍ରୀୟ ଗଣତନ୍ତ୍ର ସଙ୍ଗେ କ୍ଷମତା ହାସଲ ଲାଗି ଲଢ଼େଇର ଆନ୍ଦୋଳନ ଓ କଂଗ୍ରେସ-ଲିଗ-କମ୍ୟୁନିଷ୍ଟ ପାର୍ଟିର ମିଳିତ ସାମ୍ମୁଖ୍ୟର ଖୁବ୍ ଗାଢ଼ ସଂପର୍କ ରହିଛି ।

★ ପ୍ରଥମରେ—ସାମ୍ରାଜ୍ୟବାଦୀ ଶାସନ ବିଧାୟକ ସଭାଠାରୁ ପ୍ରସ୍ତାବିତ ଶାସନ ବିଧାୟକ ପରିଷଦ ସ୍ୱତନ୍ତ୍ର ଅଲଗା ଜିନିଷ । ପ୍ରସ୍ତାବିତ ଶାସନ ବିଧାୟକ ସଭା ଲୋକଙ୍କ ଜନ୍ମଗତ ଆନ୍ଦୋଳନରୁ ଜନ୍ମ ନେବ ଏବଂ ଏକ ମୁକ୍ତ ଆବହାଓ୍ୱା ଭିତରେ କାମ କରିବ । ସାମ୍ରାଜ୍ୟବାଦ ଏହାର କାମରେ ହସ୍ତକ୍ଷେପ କରି ପାରିବ ନାହିଁ । କାରଣ ସାମ୍ରାଜ୍ୟବାଦୀ ଶାସନ ଭାରତରୁ ଲୋପ ପାଇଥିବ ।

★ ଦ୍ୱିତୀୟରେ—ଏହି ଶାସନ ବିଧାୟକ ପରିଷଦ ଜାତିମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ପରି ବିରାଟ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ ହେବ । ତେଣୁ ଭାରତରେ ଗୋଟିଏ ମିଳିତ ରାଷ୍ଟ୍ର ଗଢ଼ିବାକୁ ଇଚ୍ଛା କରୁଥିବା ଜାତୀୟ ଗୋଷ୍ଠୀ [ଭାଷା, କୃଷ୍ଟି ସମ୍ବଳିତ ଅଞ୍ଚଳ ଗୁଡ଼ିକ ଏକାଠି ହେଲା ପରେ] ମାନଙ୍କର ପ୍ରତିନିଧିମାନେ ଏହି ଶାସନ ବିଧାୟକ ସଭାରେ ଯୋଗ ଦେବେ ।

Digitized by srujan ka@gmail.com

ଯେ କୌଣସି ଜାତୀୟ ଗୋଷ୍ଠୀ ଏହି ସାଧାରଣ ଶାସନ ବିଧାୟକ ପରିଷଦକୁ ତାହାର ପ୍ରତିନିଧି ନ ପଠାଇ ପାରେ ବୋଲି ମଧ୍ୟ ଅଧିକାର ପାଇବ । ସେହି ଜାତିର ସମସ୍ତ ସାବାଳକ ଲୋକେ ଯଦି ଭୋଟ ଦ୍ୱାରା ସ୍ଥିର କରନ୍ତି ଯେ ସେମାନେ ଅଲଗା ରହିବେ ତେବେ ସେମାନେ ନିଜର ସ୍ୱତନ୍ତ୍ର ସାର୍ବଭୌମ ରାଷ୍ଟ୍ର ଗଢି ପାରନ୍ତି ।

ଏହାଦ୍ୱାରା ଲୋକଙ୍କର ଗଣତାନ୍ତ୍ରିକ ଭୋଟ ଭିତ୍ତିରେ ପାକିସ୍ଥାନ ଓ ଭାରତୀୟ ଏକତା ପ୍ରଶ୍ନ ସମାଧାନ ହୋଇଯିବ । ଆହୁରି ମଧ୍ୟ ସ୍ୱେଚ୍ଛାକୃତ ଭାରତୀୟ ୟୁନିୟନରେ ସହଯୋଗୀ ପ୍ରତ୍ୟେକ ଜାତୀୟ ଗୋଷ୍ଠୀ ସ୍ୱାଧୀନ ଓ ସମାନ ଅଧିକାର ପାଇବେ ।

ଶାସନ ବିଧାୟକ ସଭାର ଏପରି ପରିଷ୍କାର ବ୍ୟାଖ୍ୟା ହେବା ଉଚିତ । ତାହାହେଲେ କ୍ଷମତା ହାସଲ ଲାଗି ମିଳିତ ସଂଗ୍ରାମ କରିବାକୁ ଏକ ନ୍ୟାୟପୂର୍ଣ୍ଣ ଓ ଗଣତାନ୍ତ୍ରିକ ମୂଳଦୂଆ ପଡିବ ।

★ ତୃତୀୟରେ—ନିର୍ବାଚନ ପରେ ସବୁଠି ଗଣତାନ୍ତ୍ରିକ ନୀତି ଉପରେ ଏହି ଶାସନ ବିଧାୟକ ସଭା ପ୍ରତିଷ୍ଠିତ ହେବ । କାରଣ ଏଥିରେ ସାବାଳକ ଭୋଟ କ୍ଷମତା ଓ ସଂଖ୍ୟାନୁପାତିକ ପ୍ରତିନିଧି ପଠାଇବାର ବ୍ୟବସ୍ଥା ରହିବ । ଏହା ଫଳରେ ନ୍ୟସ୍ତ ସ୍ୱାର୍ଥ ପରିବର୍ତ୍ତେ ଖଟିଖିଆ ଲୋକେ ବେଶି ଆସିବେ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକ ନିଜ ପ୍ରତିନିଧି ପଠାଇବାର ଉଚିତ ନ୍ୟାୟ ପାଇ ପାରିବେ ।

ଗଣତାନ୍ତ୍ରିକ ବିପ୍ଳବର ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିମ୍ନ ପ୍ରକାରରେ ହେବ ।

ରାଜରାଜୁଡ଼ାଙ୍କ ଏକଛତ୍ର ଶାସନର ଲୋପ

ଭାରତରେ ଗଡ଼ଜାତ ଶାସନକୁ ଲୋପ କରାଯିବ । ସାବାଳକ ଭୋଟ ଅଧିକାର ଉପରେ ପ୍ରତିଷ୍ଠିତ ଶାସନ ବିଧାୟକ ସଭା ଭିତ୍ତିରେ ପ୍ରତ୍ୟେକ ଦେଶୀଜାତକୁ ପୂର୍ଣ୍ଣ ଆତ୍ମନିୟନ୍ତ୍ରଣ ଅଧିକାର ଦିଆଯିବ । ତାହାହିଁ

Digitized by srujan ka@gmail.com

ରାଜାଙ୍କ ଉତ୍ତରାଧିକାର ସ୍ଥିର କରିବ ଏବଂ ଲୋକଙ୍କ-ସାର୍ବଭୌମ କ୍ଷମତା ପ୍ରତିଷ୍ଠା କରିବ ।

ଅନ୍ୟତ୍ର ମଧ୍ୟ ସମାନ ଜାତି ବାସ କରୁଥିବା [illegible] ପ୍ରଦେଶ ସାଙ୍ଗରେ ଉକ୍ତ ଗଡ଼ଜାତ ପୁନର୍ମିଳନ ବା ସଂଶ୍ଳିଷ୍ଟ [illegible] କି ନାହିଁ ଏ କଥା ସେହି ଗଡ଼ଜାତର ଲୋକମାନେ [illegible] କରିବେ ।

ଏହା ଫଳରେ ୫୮୪ଟି ଗଡ଼ଜାତରେ ରାଜରାଜୁଡ଼ାଙ୍କ ଏକଛତ୍ର ଶାସନ ଲୋପ ହେବ । ସାମ୍ରାଜ୍ୟବାଦ ଅପ୍ରାକୃତିକ ସୀମା ଟାଣି ଏକ ବା ସମାନ ଜାତି ରହୁଥିବା ପ୍ରଦେଶ ଓ ଗଡ଼ଜାତକୁ ଯେଉଁ ଭାଗ ଭାଗ କରି ରଖିଛି, ଏହା ଫଳରେ ସେ ଅଞ୍ଚଳଗୁଡ଼ିକ ନିଜ ନିଜ ଜାତିଅଣ ଅଞ୍ଚଳ ସଙ୍ଗରେ ପୁନର୍ମିଳନର ସୁଯୋଗ ପାଇବେ ।

★ ବିନା କ୍ଷତି ପୂରଣରେ ଜମିଦାରୀ ପ୍ରଥା ଉଠାଇ ଦିଆଯିବ ଏବଂ କୃଷିମାନଙ୍କୁ ଜମି ଯୋଗାଇ ଦିଆଯିବ ।

★ ଭାରତରେ ଥିବା ବୃଟିଶ ପୁଂଜିକୁ ବାଜ୍ୟାପ୍ତ କରିବ । ବଡ଼ ବଡ଼ ବଣିକ୍, [ଚା, ରବର ପ୍ରଭୃତି] ଖଣି, ସରବରାହ, ଯାତାୟାତ ଓ ଅନ୍ୟ ଶିଳ୍ପ ଗୁଡ଼ିକୁ ଜାତୀୟ ସମ୍ପତ୍ତିରେ ପରିଣତ କରାଯିବ ।

ମଜଦୂର ଓ ସଂଖ୍ୟାନ୍ୟୁନ ସଂପ୍ରଦାୟଙ୍କ ଅଧିକାର

★ ଶ୍ରମିକମାନଙ୍କର ମୌଳିକ ଅଧିକାର ।

★ ଦୈନିକ ୮ ଘଣ୍ଟା କାମ ।

★ ସପ୍ତାହକୁ ୪୦ ଘଣ୍ଟା କାମ ।

★ ସାମାଜିକ ଅଭାବ, କାର୍ଯ୍ୟ ଦୁର୍ଘଟଣା, ବେକାର ଅବସ୍ଥା, ବେମାର ଓ ବୁଢ଼ା ବୟସରେ ସିକ୍ୟୁରିଟି ବ୍ୟବସ୍ଥା ।

Digitized by srujan ka@gmail.com

★ ବିନା ବେତନରେ ବାଧ୍ୟତାମୂଳକ ଶିକ୍ଷା ଦିଆଯିବ ।

★ ସରକାର ଓ ପୁଞ୍ଜିପତିଙ୍କ ଖର୍ଚ୍ଚରେ ସୁନ୍ଦର ସ୍ୱାସ୍ଥ୍ୟପ୍ରଦ ଘର ଯୋଗାଇ ଦିଆଯିବ ।

★ ସ୍ୱାସ୍ଥ୍ୟ ଲାଗି ବିନା ପଇସାରେ ଚିକିତ୍ସା, ବିଶ୍ରାମ ଇତ୍ୟାଦିର ବ୍ୟବସ୍ଥା ହେବ ।

★ କାମ କରିବାର ଅଧିକାର ସମସ୍ତଙ୍କୁ ମିଳିବ [ଅର୍ଥାତ ସମସ୍ତଙ୍କୁ କାମ ମିଳିବ] ।

★ ସଂଗଠନ ଗଢ଼ିବାର ଓ ଧର୍ମଘଟ କରିବାର ଅଧିକାର ଦିଆଯିବ ।

★ ସମାନ କାମ ଲାଗି ସମାନ ଦରମା ଦିଆଯିବ ।

★ ପ୍ରସୂତି ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ।

★ ଭେଟି ବେଗାରି ଉଠାଇ ଦିଆ ହେବ ।

★ ନୂଆ ଜାତୀୟ ବାସ ଭୂମିରେ ଯେଉଁ ସବୁ ସଂଖ୍ୟାଲଘୁ ଜାତୀୟ ସମ୍ପ୍ରଦାୟ ରହିବେ ସେମାନଙ୍କର ଭାଷା, ଶିକ୍ଷା ଓ ସଂସ୍କୃତିକୁ ଆଇନ କରି ରକ୍ଷା କରା ହେବ । ଯେ ଏହାକୁ ଭାଙ୍ଗିବ ତାକୁ ଆଇନ ଅନୁସାରେ ଦଣ୍ଡ ଦିଆଯିବ ।

ନୂଆ ଭାବେ ଗଢ଼ାଯାଇଥିବା ଜାତୀୟ ବାସ ଭୂମିରେ ଯେଉଁ ସବୁ ସଂଖ୍ୟାଲଘୁ ଜାତୀୟ ଗୋଷ୍ଠୀ ରହିଥିବେ ସେମାନଙ୍କ ଭାଷା, ଶିକ୍ଷା ଓ କୃଷ୍ଟିକୁ ଆଇନ କରି ରକ୍ଷା କରାଯିବ । ଯିଏ ସେ ଆଇନ ଭାଙ୍ଗିବ ତାକୁ ଉଚିତ ଶାସ୍ତି ଦିଆଯିବ ।

ଜାତି, ବର୍ଣ୍ଣ, ସମ୍ପ୍ରଦାୟ ଭେଦରେ ଯେଉଁ ସବୁ ସୁବିଧା, ଅସୁବିଧା, ପାର୍ଥକ୍ୟ ରହିଛି, (ଅସ୍ପୃଶ୍ୟତା ଆଦି) ତାହାକୁ ଆଇନ କରି ଉଠାଇ ଦିଆଯିବ ଓ ଏହାକୁ ଯିଏ ଭାଙ୍ଗିବ ସେ ଆଇନ ଅନୁସାରେ ଦଣ୍ଡିତ ହେବ ।

ପଛରେ ପଡ଼ିଥିବା ସମ୍ପ୍ରଦାୟ ବା ଗୋଷ୍ଠୀମାନଙ୍କୁ ଅବଶିଷ୍ଟ ଅନ୍ୟାନ୍ୟ ଲୋକଙ୍କ ସଙ୍ଗେ ସମାନସ୍ତର କରିବାକୁ ହେବ । ତେଣୁ ଭାରତର ସ୍ୱାଧୀନ

Digitized by srujan ka@gmail.com

ସନ୍ତାର ଏମାନଙ୍କର ଆର୍ଥିକ ଅବସ୍ଥା ଶିକ୍ଷା ଓ ସଂସ୍କୃତି ଲାଗି ତୁରନ୍ତ ଉପଯୁକ୍ତ ବ୍ୟବସ୍ଥା କରିବ ।

(୭) ଆତ୍ମ ନିୟନ୍ତ୍ରଣର ମୂଳ ତାତ୍ପର୍ଯ୍ୟ—

ବିଶେଷରେ ମୁକ୍ତି ସଂଗ୍ରାମ ଲାଗି ହିନ୍ଦୁ ମୁସଲମାନ ଏକତା ପାଇଁ ଏବଂ କଂଗ୍ରେସ ଓ ଲିଗର ମତ ହେତୁ ଉପୁଜିଥିବା ବିଭେଦକୁ ଲୋପ କରିବା ଲାଗି ଆମର ଗଣତାନ୍ତ୍ରିକ ବିପ୍ଳବର କାର୍ଯ୍ୟସୂଚୀରେ ଜାତୀୟ ଗୋଷ୍ଠୀମାନଙ୍କର ଆତ୍ମନିୟନ୍ତ୍ରଣ ନୀତି ଧାର୍ଯ୍ୟ କରାଯାଇଛି । ତାହାର ଗୁରୁତ୍ୱ ବୁଝିବାକୁ ହେବ ।

> ଗୋଟିଏ ଜାତୀୟ ଗୋଷ୍ଠି ଅଲଗା ହୋଇଯିବ କି ନ ହୋଇଯିବ କେବଳ ଏହି କଥା ଲାଗି ତାଙ୍କମାନଙ୍କର ଆତ୍ମ-ନିୟନ୍ତ୍ରଣ କଥା ଉଠୁନାହିଁ ବରଂ ଏହି ନୀତି ଏକତା ଆଣିବାର ଏକ ବଡ଼ ବୈପ୍ଳବିକ ପନ୍ଥା; ଏହା ଫଳରେ ମୁକ୍ତ ଭାରତରେ ପ୍ରତ୍ୟେକ ଜାତୀୟ ଗୋଷ୍ଠୀ ପ୍ରକୃତ ସ୍ୱାଧୀନତା ଓ ଗଣତନ୍ତ୍ର ପାଇ ପାରିବେ ।

ଜାତୀୟ ଗୋଷ୍ଠୀମାନଙ୍କର ଆତ୍ମନିୟନ୍ତ୍ରଣର ଅର୍ଥ ହେଉଛି ଏକ ଜାତିର ହିନ୍ଦୁ ମୁସଲମାନ ପ୍ରଭୃତି (ଯେପରିକି ଓଡ଼ିଶାରେ ଥିବା ହିନ୍ଦୁ ମୁସଲମାନ ଏକ ଓଡ଼ିଆ ଜାତି—ଅନୁବାଦକ) ସାମ୍ରାଜ୍ୟବାଦ, ସାମନ୍ତୀୟ ରାଜରାଜୁଡ଼ା ଶାସନ ଓ ଜମିଦାରୀ ପ୍ରଥା ବିରୁଦ୍ଧରେ ଲଢିବା ।

ଜାତୀୟ ଗୋଷ୍ଠୀମାନଙ୍କର ଆତ୍ମନିୟନ୍ତ୍ରଣର ଅର୍ଥ ହେଉଛି ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ସବୁ ଜାତିକୁ ଏକାଠି କରିବା [ଯେପରିକି ଓଡ଼ିଆ, ଆନ୍ଧ୍ର, ବଙ୍ଗାଳି, ସିନ୍ଧି, ପଠାଣ, ବେଲୁଚ ପ୍ରଭୃତି- ଅନୁବାଦକ } କାରଣ ସ୍ୱାଧୀନତା ହାସଲ ହେଲେ ଯାଇଁ ଆତ୍ମନିୟନ୍ତ୍ରଣ ଅଧିକାର ହାସଲ ହୋଇ ପାରିବ ।

Digitized by srujan ka@gmail.com

ଜାତୀୟ ଗୋଷ୍ଠୀମାନଙ୍କର ଆତ୍ମନିୟନ୍ତ୍ରଣର ଅର୍ଥ ହେଉଛି ସାଧାରଣ ଅର୍ଥନୈତିକ ଜୀବନ; ସାଧାରଣ ସୁଖୀ ଜୀବନକୁ ସାମ୍ୟ, ମୈତ୍ରୀ, ଗଣତନ୍ତ୍ରକୁ ମୂଳଦୁଆ କରି ଏକ ସ୍ୱେଚ୍ଛାକୃତ ଭାରତୀୟ ସଙ୍ଘ ଗଢ଼ିବା ।

କମ୍ୟୁନିଷ୍ଟ ପାର୍ଟି ହିନ୍ଦୁ ମୁସଲମାନ ଏକତାପାଇଁ ଲଢ଼ୁଛି । ଏହି ଏକତା ଲାଗି ସାଧାରଣ ଶ୍ରେଣୀ—ସଂଗଠନରେ ହିନ୍ଦୁ ମୁସଲମାନ ଶ୍ରମିକଙ୍କୁ ଏକାଠି କରି ସେମାନଙ୍କ ଜୀବିକା ପାଇଁ ଲଢ଼ୁଛି ଓ ଜାତୀୟ ଗୋଷ୍ଠୀମାନଙ୍କର ଆତ୍ମନିୟନ୍ତ୍ରଣ ପାଇଁ ଲଢ଼ୁଛି । କଂଗ୍ରେସର ତାହମାନଙ୍କୁ ଆତ୍ମନିୟନ୍ତ୍ରଣ ଅଧିକାର ନ ଦେବା ନୀତିକୁ କମ୍ୟୁନିଷ୍ଟ ପାର୍ଟି ଅଗଣତାନ୍ତ୍ରିକ ନୀତି ବୋଲି ଘୋଷଣା କରୁଛି ।

ଭାରତୀୟ ଶିଳ୍ପପତିମାନେ ସାମ୍ରାଜ୍ୟବାଦର ଉତ୍ତରାଧିକାରୀ ଭାବେ ସାରା ଭାରତରେ ନିଜର ଏକଚ୍ଛତ୍ର ଆର୍ଥିକ ପ୍ରଭୁତ୍ୱ ଜାରି ରଖିବା ପାଇଁ ବ୍ରିଟିଶ ସରକାର ସଙ୍ଗେ ଯେଉଁ ସମଝୋତା ଖୋଜୁଛନ୍ତି; ଆତ୍ମନିୟନ୍ତ୍ରଣ ଅଧିକାର ଦେବାକୁ ଅମଙ୍ଗ ହେବା ନୀତି ତାହାରି ସଙ୍ଗେ ଖାପ ଖାଉଛି ; ଏହାଦ୍ୱାରା ବିଭିନ୍ନ ଜାତୀୟ ଗୋଷ୍ଠୀମାନେ ସ୍ୱାଧୀନ ଭାବେ ନିଜ ଜୀବନ ଗଢ଼ିବାର ଓ ଏକ ମୁକ୍ତ ସ୍ୱେଚ୍ଛାକୃତ ଭାରତୀୟ ୟୁନିଅନ ଗଢ଼ିବାର ଅଧିକାର ପାଉ ନାହାନ୍ତି ।

ଏହା ବଡ଼ବଡ଼ ଜମିଦାରଙ୍କ ସଙ୍ଗେ ସମଝୋତା କରିବାର ନୀତି । ଫଳରେ ଗଡ଼ଜାତମାନେ ନିଜ ଆତ୍ମନିୟନ୍ତ୍ରଣ ଅଧିକାର ପାଇବେ ନାହିଁ । ତେଣୁ ପ୍ରଦେଶ ଓ ଅଖଣ୍ଡ ଗଡ଼ଜାତମାନଙ୍କରେ ଗୋଟିଏ ଗୋଟିଏ ବା ସମାନ ସମାନ ଜାତିର ଲୋକ ଏକାଠି ହୋଇଯାଇ ଯାହା ଗୋଟିଏ ଜାତିର ବାସଭୂମି ଗଢ଼ନ୍ତେ; ତାହା ହୋଇ ପାରିବ ନାହିଁ କିମ୍ବା ସାମ୍ରାଜ୍ୟବାଦ ଜୋରଜବରଦସ୍ତି କରି ଅପ୍ରାକୃତିକ ଭାବେ ଯେପରି ଭାରତକୁ ଖଣ୍ଡ ଖଣ୍ଡ କରିବାକୁ ବସିଛି ସେ ନୀତିକୁ ଭଙ୍ଗ ହେବ ନାହିଁ ।

ଧର୍ମ ଓ ଅଗଣତାନ୍ତ୍ରିକତାର ମୂଳଦୁଆ ଉପରେ ଭାରତକୁ ଖଣ୍ଡ ଖଣ୍ଡ ହେବା ନୀତିକୁ ସାଧାରଣ କଂଗ୍ରେସକର୍ମୀ ଓ କଂଗ୍ରେସପନ୍ଥୀ ଲୋକେ ଉଚିତ

Digitized by srujan ka@gmail.com

ବିରୋଧ କରୁଛନ୍ତି ଏବଂ ଠିକ ଭାବେ ବିଚାର କରୁଛନ୍ତି, ସେ ସ୍ୱାଧୀନ ଓ ଗଣତାନ୍ତ୍ରିକ ଭାରତରେ ପ୍ରତ୍ୟେକ ଜାତୀୟ ଗୋଷ୍ଠୀ ସ୍ୱାତନ୍ତ୍ର୍ୟ ପାଇ ଗୋଟିଏ ୟୁନିୟନ ଗଢ଼ନ୍ତୁ । କମ୍ୟୁନିଷ୍ଟ ପାର୍ଟି ଏ କଥା ଅନୁଭବ କରୁଛି ।

ଜାତିମାନଙ୍କ ଆତ୍ମନିୟନ୍ତ୍ରଣ ଏବଂ ଅଲଗା ହୋଇଯିବା ଅଧିକାର କଂଗ୍ରେସ ଗ୍ରହଣ କରୁ ବୋଲି କମ୍ୟୁନିଷ୍ଟ ପାର୍ଟି କଂଗ୍ରେସ ନେତାଙ୍କୁ ବୁଝାଇ-ବାକୁ ସବୁମତେ ଚେଷ୍ଟା କରିବ । ଏହି ଅଧିକାର ଦେଲେ ସାଧାରଣ ମୁସଲମାନମାନେ କିପରି ମିଳିତ ଭାରତ ପରସ୍ପରର ଇଚ୍ଛାରେ ହେବ ଏବଂ କିପରି ଏଥିରୁ ଉଭୟ ପକ୍ଷର ମଙ୍ଗଳ ହେବ ଏ କଥା ବୁଝି ପାରିବେ । ଏକ ଭାଷା ଓ କୃଷ୍ଟିଗତ ଅଞ୍ଚଳ କିପରି ନିଜ ଭାଗ୍ୟ ନିଜେ ସ୍ଥିର କରିବ ଏବଂ ତାହା ଫଳରେ କଂଗ୍ରେସ ଲିଗ୍ ଏକତା ହୋଇ ସାମ୍ରାଜ୍ୟବାଦ ଉପରେ ମିଳିତ ଆକ୍ରମଣର ବାଟ ଫିଟିବ ଏକଥା ମଧ୍ୟ ସେମାନେ ବୁଝି ପାରିବେ ।

ସେହିପରି 'ଗଡ଼ଜାତ ରାଜାଙ୍କର ଏକଚ୍ଛତ୍ର ଶାସନ ଧ୍ୱଂସ ହେଉ' ଏହି ରଣଡାକ ଦେଇ ଗଡଜାତମାନେ ଆତ୍ମନିୟନ୍ତ୍ରଣ ଅଧିକାର ପାଆନ୍ତୁ ଏକଥା ପାର୍ଟି ବରାବର ପ୍ରଚାର କରିବ । ଗଡ଼ଜାତ ଲୋକଙ୍କ ସଂଗ୍ରାମ ଫଳରେ ସେମାନଙ୍କର ମୁକ୍ତିର ବାଟ ଫିଟିଯିବ ଓ ସେମାନେ ପାଖ ପ୍ରଦେଶର ସମାନ ଜାତିର ଭାଇମାନଙ୍କ ସଙ୍ଗେ ପୁଣି ମିଳି ଯିବେ ।

ମୁସଲମାନମାନଙ୍କ ସମ୍ବନ୍ଧରେ ପାର୍ଟିର ନୀତି

ଲୋକଙ୍କ ମତ ନ ନେଇ ଏବଂ ଅନ୍ୟାନ୍ୟ ଜାତୀୟ ଗୋଷ୍ଠୀଙ୍କୁ ଆତ୍ମ-ନିୟନ୍ତ୍ରଣ ଅଧିକାର ନ ଦେଇ ମୁସଲିମ ଲିଗ୍ ୬ଟି ପ୍ରଦେଶରେ (ବଙ୍ଗ, ଆସାମ, ପଞ୍ଜାବ, ସିନ୍ଧ, ବେଲୁଚ, ସୀମାନ୍ତ) ଗୋଟିଏ ରାଷ୍ଟ୍ର ଚାହୁଁଛି । ଏହା ଗଣତାନ୍ତ୍ରିକ ନୁହେଁ ବୋଲି କମ୍ୟୁନିଷ୍ଟ ପାର୍ଟି ଘୋଷଣା କରୁଛି । ଲିଗ୍‌ର ଏହି ଦାବୀ ହେତୁ ସେହି ଅଞ୍ଚଳମାନଙ୍କରେ ଯେଉଁ ଜାତୀୟ ଗୋଷ୍ଠୀ ରହିଯିବେ ସେମାନଙ୍କୁ ଆତ୍ମନିୟନ୍ତ୍ରଣ ଅଧିକାର ମିଳିବ ନାହିଁ । ମୁସଲମାନ

Digitized by srujan ka@gmail.com

ବୁର୍ଜୁଆ ଓ ସାମନ୍ତବାଦୀ ନ୍ୟସ୍ତସ୍ୱାର୍ଥରୁ ଜାତ ହୋଇଛି, ଯେ ବ୍ରିଟିଶ ସାମ୍ରାଜ୍ୟବାଦ ସଙ୍ଗେ ସାଲିସ କରି ଖଣ୍ଡଖଣ୍ଡ ଭାରତରେ ନିଜର ଅଧିପତ୍ୟ ଜାରି ରଖିବା ।

ଅଧିକାଂଶ ମୁସଲମାନ ପାକିସ୍ଥାନ ଦାବୀରେ ନିଜର ମୁକ୍ତି ରହିଛି ବୋଲି ଭାବୁଛନ୍ତି, ଏକଥା କମ୍ୟୁନିଷ୍ଟ ପାର୍ଟି ଅନୁଭବ କରୁଛି । ମୁକ୍ତ ଭାରତରେ ମୁସଲମାନମାନଙ୍କର ସ୍ୱାଧୀନତା ଲାଗି ମୁସଲିମ ଲିଗ୍ ଲଢ଼ିବ ବୋଲି ସେମାନଙ୍କର ଧାରଣା ।

ସ୍ୱାଧୀନତାର ସାଧାରଣ ସଂଗ୍ରାମରେ ଯୋଗ ଦେବା ଲାଗି ନିଜ ଅନୁଷ୍ଠାନ ଲିଗ୍‌କୁ ଯୋଡ଼ି ନ ଦେଲେ ମୁସଲମାନ ଜନତା ଯେ ସ୍ୱାଧୀନତା କିମ୍ବା ଗଣତନ୍ତ୍ର ହାସଲ କରିପାରିବେ ନାହିଁ, ଏହି କଥା ବୁଝାଇ କମ୍ୟୁନିଷ୍ଟ ପାର୍ଟି ମୁସଲମାନଲୋକଙ୍କ ସାମ୍ରାଜ୍ୟବାଦ ବିରୋଧୀ ମନୋଭାବକୁ ନିବେଦନ କରିବ । ପାକିସ୍ଥାନ ସ୍ୱୀକୃତ ହେଲେ ଯାଇଁ ସେମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବେ ଏ ଦାବୀ ଅବଶ୍ୟ ସେମାନେ କରିବା ଉଚିତ ନୁହେଁ । ବିଦେଶୀ ଶକ୍ତିର ବିନା ହସ୍ତକ୍ଷେପରେ ଜାତୀୟ ବାସଭୂମି ଭିତ୍ତିକ ଗଣତାନ୍ତ୍ରିକ ଭିତ୍ତିରେ ଆତ୍ମନିୟନ୍ତ୍ରଣ ଅଧିକାର ପାଇବେ; ଏହି କଥାରେ ସେମାନେ ରାଜି ହେବେ ବୋଲି ଆମେ ନିବେଦନ କରିବୁ ।

ସାଧାରଣ ସାମ୍ରାଜ୍ୟବାଦ-ବିରୋଧୀ ସଭା ଓ ଶୋଭାଯାତ୍ରାରେ ମୁସଲମାନ ଶ୍ରମିକଙ୍କୁ ଆଣିବା ଲାଗି କମ୍ୟୁନିଷ୍ଟ ପାର୍ଟି ବିଶେଷ ଉଦ୍ୟମ କରିବ ।

ନିଜର ଦାବୀ ଲାଗି ଲଢ଼େଇ କରିବା ପାଇଁ ହିନ୍ଦୁ ଓ ମୁସଲମାନ କୃଷକ ଏବଂ ଶ୍ରମିକମାନଙ୍କୁ କମ୍ୟୁନିଷ୍ଟ ପାର୍ଟି ସେମାନଙ୍କ କୃଷକ ସଭା ଓ ଶ୍ରମିକ ସଂଘ ଭିତରକୁ ଆଣିବାକୁ ବିଶେଷ ଉଦ୍ୟମ କରିବ । ତାହା ଫଳରେ ହିନ୍ଦୁ ମୁସଲମାନ ଖଟିଖିଆଙ୍କର ଏକ ଅବିଚ୍ଛେଦ୍ୟ ଏକତା ପ୍ରତିଷ୍ଠିତ ହେବ; ସେହି ଏକତାହିଁ ଶେଷରେ କଂଗ୍ରେସ ଓ ଲିଗ୍ ନେତୃତ୍ୱର ବିଚ୍ଛେଦକାରୀ ନୀତିକୁ ପଣ୍ଡ କରିବ ।

Digitized by srujan ka@gmail.com

କେବଳ ତାହାହିଁ ସମ୍ପୂର୍ଣ୍ଣ ଅଧିକାର ସହିତ ମୁସଲମାନ ସମେତ ସମସ୍ତଙ୍କୁ ମୁକ୍ତ, ଗଣତନ୍ତ୍ର ଓ ସ୍ୱାଧୀନତା ଦେଇ ପାରିବ । ଏହା ହିଁ ଜାତୀୟ ଗୋଷ୍ଠୀର ଲୋକଙ୍କର ସ୍ୱାଧୀନ ବିକାଶ ଲାଗି ଅବସର ଦେବ । ଅଦୂର ମଧ୍ୟ ଏହା ଫଳରେ ଏକ ମୁକ୍ତ ଭାରତୀୟ ସଂଘ [ମିଳିତ ଭାରତ] ଲାଗି ଲଢ଼େଇ କରିବା ଲାଗି ମିଳିତ ସାମ୍ମୁଖ୍ୟ ଗଢ଼ାଯାଇ ପାରିବ ।

(୨) ମିଳିତ ମୁକ୍ତ ସାମ୍ମୁଖ୍ୟର କୌଶଳ

ବର୍ତ୍ତମାନର ବୈପ୍ଳବିକ ଅଭ୍ୟୁତ୍ଥାନକୁ ଅଧିକାର ହାସଲ ଲାଗି ଏକ ସର୍ବବ୍ୟାପୀ ଆନ୍ଦୋଳନରେ ପରିଣତ କରି ହେବ । ଅଧିକାଂଶ ଲୋକେ ବିପ୍ଳବ ପକ୍ଷରେ ଛିଡ଼ା ହେଲେ ଗଣତାନ୍ତ୍ରିକ ବିପ୍ଳବ ଜୟଯୁକ୍ତ ହେବ; ଏକଥା କମ୍ୟୁନିଷ୍ଟ ପାର୍ଟି ବେଶ ବୁଝି ପାରୁଛି ।

★ କଂଗ୍ରେସ ସ୍ୱାଧୀନତା ଆନ୍ଦୋଳନର ଅସଲ ସୂତ୍ର ।

★ ମୁସଲିମ୍ ଲିଗ୍ ପକ୍ଷରେ ଅଧିକାଂଶ ମୁକ୍ତିକାମୀ ଓ ସାମ୍ରାଜ୍ୟବାଦ ବିରୋଧୀ ମୁସଲମାନ ଲୋକେ ରହିଛନ୍ତି ।

★ କମ୍ୟୁନିଷ୍ଟ ପାର୍ଟି ପକ୍ଷରେ ଅଧିକାଂଶ ସଂଗଠିତ କୃଷୀ-ମଜଦୁର ଅଛନ୍ତି ।

ଏହି ତିନି ଦେଶପ୍ରେମୀ ଦଳ କଂଗ୍ରେସ, ଲିଗ୍, କମ୍ୟୁନିଷ୍ଟ ପାର୍ଟିର ମିଳିତ ସାମ୍ମୁଖ୍ୟ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ଓ ଦେଶପ୍ରେମୀ ଦଳମାନଙ୍କର ମିଳିତ ସାମ୍ମୁଖ୍ୟ ହେଲେହେଁ ଶେଷ ଲଢ଼େଇରେ ଜୟ ନିଶ୍ଚିତ ହେବ ।

ବର୍ତ୍ତମାନ ଅବସ୍ଥାରେ ଏପରି ଏକ ସାମ୍ମୁଖ୍ୟ ଗଢ଼ିବା ସବୁଠୁଁ ବଳି ମୁଖ୍ୟ କର୍ତ୍ତବ୍ୟ । ଏହା କରି ନପାରିଲେ ବୈପ୍ଳବିକ ଅଭ୍ୟୁତ୍ଥାନ ମାରା ପଡ଼ିବ । ତାହା ଫଳରେ ହଟଗୋଳ ଓ ବିଭେଦ ବଢ଼ି ଚାଲିବ ।

Digitized by srujan ka@gmail.com

ତେଣୁ କମ୍ୟୁନିଷ୍ଟ ପାର୍ଟି ଖଣ୍ଡ ସଂଗ୍ରାମ [କୃଷକ ଓ ଶ୍ରମିକଙ୍କର ଆନ୍ଦୋଳନ] କରିଥିବାରେ ମିଳିତ ସାମ୍ମୁଖ୍ୟ ଗଢ଼ିବାରେ କେତେଦୂର ସଫଳ ହେଉଛି ତାହା କଳନା କରିବ । ଏହି ଖଣ୍ଡ ସଂଗ୍ରାମରେ କଂଗ୍ରେସ ଓ ଲିଗ୍ ନେତୃତ୍ୱ ନିଜ ନିଜ ସାଲିସ ନୀତିକୁ କେତେଦୂର ଛାଡ଼ୁଛନ୍ତି ଏବଂ ମିଳିତ ସାମ୍ମୁଖ୍ୟ ଗଢ଼ିବାକୁ ଏହା କେତେ ପରିମାଣରେ ସେମାନଙ୍କ ଉପରେ ଚାପ ପକାଉଛି ତାହା ମଧ୍ୟ ଆମେ କଳିବୁଁ ।

ଖଣ୍ଡ ସଂଗ୍ରାମକୁ ଖୁବ୍ ସାହସର ସହିତ ଚଳେଇ କମ୍ୟୁନିଷ୍ଟ ପାର୍ଟି ତାହାର କରିଥିବାରେ ସବୁ ଲୋକଙ୍କୁ ଏକାଠି କରିବ । ନେତୃତ୍ୱ ଦୁଇଟିର ସାଲିସ ନୀତିକୁ ପଦାରେ ପକାଇ ମିଳିତ ସାମ୍ମୁଖ୍ୟ ପାଇଁ ପ୍ରଚାର ଓ ନିବେଦନ କରିବ ।

ପ୍ରତ୍ୟେକ ସ୍ଥାନୀୟ ଓ ଖଣ୍ଡ ସଂଗ୍ରାମରେ ଯଦି ମିଳିତ ସାମ୍ମୁଖ୍ୟ ଗଢ଼ା ହୋଇ ପାରିବ ତାହାହେଲେ ଏହା ଜାତୀୟ କ୍ଷେତ୍ରରେ ଅର୍ଥାତ ଦେଶ ତମାମ ଗଢ଼ା ହେବା ଲାଗି ଉତ୍ସାହ ଆଣି ଦେବ; ପାର୍ଟି ଏ କଥା ଅନୁଭବ କରୁଛି ଓ ସେଥିଲାଗି ପାର୍ଟି ଅବିଶ୍ରାନ୍ତ ଚେଷ୍ଟା କରିବ ।

ଏହି ସଂଗ୍ରାମସବୁକୁ ଚଳେଇଲାବେଳେ ପାର୍ଟି ତାହାର ପ୍ରଚାର ଓ ଆନ୍ଦୋଳନରେ କଂଗ୍ରେସ ଏବଂ ଲିଗ୍ ପରସ୍ପର ବିରୁଦ୍ଧରେ ଯେଉଁ ଫନ୍ଦାଫନ୍ଦି ଓ ଭେଦନୀତି ଧରିଛନ୍ତି ତାହାକୁ ନିର୍ମମ ଭାବେ ପଦାରେ ପକାଇବ । ଏମାନଙ୍କ ସାଲିସ ନୀତି ବିରୁଦ୍ଧରେ ଲଢ଼ିଲାବେଳେ ପାର୍ଟି ପ୍ରତ୍ୟେକ ଅବସ୍ଥାରେ ଏପରି ସ୍ଲୋଗାନ ଓ ନିର୍ଦ୍ଦେଶ ଦେବ, ଯାହା ଫଳରେ ଲୋକେ ଏମାନଙ୍କ ସାଲିସ ନୀତିକୁ ବୁଝି ପାରିବେ । ତାହା ଫଳରେ ଏହି ଦୁଇ ଅନୁଷ୍ଠାନରେ ଥିବା ଜନସାଧାରଣ ଅଗ୍ରଗାମୀ ପନ୍ଥା ଗ୍ରହଣ କରିବେ ।

ବୁର୍ଜୁଆ ନେତୃତ୍ୱକୁ ନିବେଦନ କଲେ ମିଳିତ ସାମ୍ମୁଖ୍ୟ ହୋଇଯିବ ଏ କଥା ପାର୍ଟି ବିଶ୍ୱସୁ ନାହିଁ । ନେତୃତ୍ୱମାନଙ୍କ

Digitized by srujan ka@gmail.com

ସଚେତନ ଲୋକଙ୍କୁ ସେହି ଦିଗରେ ଲଗାଇଲେ ମିଳିତ ସାମ୍ମୁଖ୍ୟ ହୋଇ ପାରିବ ।

ଦିନୁଦିନ ବଢୁଥିବା ସାଧାରଣ ଜନତାର ଆନ୍ଦୋଳନ ଉପରେ କମ୍ୟୁନିଷ୍ଟ ପାର୍ଟି ପ୍ରଭାବ ପକାଇବ । ନେତୃତ୍ୱ ଦୁଇଟିର ଅନ୍ତର୍ଗତ ଗୋଷ୍ଠୀଗତ ବିଭେଦ ପନ୍ଥା ଓ ସାଲିସ ନୀତି ପ୍ରତି ଲୋକଙ୍କ ମୋହ ଭଙ୍ଗ-ବାକୁ ହେବ । ସେମାନଙ୍କୁ ବ୍ରିଟିଶ ସାମ୍ରାଜ୍ୟବାଦୀ ଯୋଜନା ବିରୁଦ୍ଧରେ ଲଢିବାକୁ ଅନୁପ୍ରାଣିତ କରିବାକୁ ହେବ । ଗଣତାନ୍ତ୍ରିକ-ବିପ୍ଳବର କାର୍ଯ୍ୟ-କ୍ରମର ଯେଉଁ ସାର କଥା ଅଛି ତାହା ଉପର ଅଦାୟ ହେବ ସେଥିଲାଗି ସେମାନଙ୍କୁ ଜାଗ୍ରତ କରିବାକୁ ହେବ । ଆମେ ଯେତେ ପରିମାଣରେ ଏହି ସବୁ କାମ କରି ପାରିବୁ ତାହାରି ଉପରେ ମିଳିତ ସାମ୍ମୁଖ୍ୟ ଗଢ଼ିବା ନିର୍ଭର କରିବ ।

ବାମପନ୍ଥୀଙ୍କ ମିଳିତ ଆନ୍ଦୋଳନ

କଂଗ୍ରେସର ସାଧାରଣ କର୍ମୀ ମହଲ ଉଗ୍ରପନ୍ଥୀ ହେଉଛନ୍ତି । ଦକ୍ଷିଣପନ୍ଥୀ ନେତୃତ୍ୱର ସାଲିସ ନୀତି ପ୍ରତି ସେମାନଙ୍କ ମୋହ ଭଙ୍ଗ ଯାଉଛି । ସାଲିସ ବିରୁଦ୍ଧରେ ଲଢ଼ିବା ଓ ସଂଗ୍ରାମ ପଥ ନେବା ଲାଗି ବାମପନ୍ଥୀଙ୍କ ସଂଖ୍ୟା ଯେ ବହୁ ପରିମାଣରେ ବଢ଼ୁଛି ତାହାହିଁ ଏହାର ବେଶ୍ ପ୍ରମାଣ । ଏମାନଙ୍କ ଭିତରୁ ବେଶ୍ ଅଗ୍ରଗାମୀ କର୍ମୀ ମାର୍କସବାଦ ପ୍ରତି ଆକୃଷ୍ଟ ହେଉଛନ୍ତି ।

ବାମପନ୍ଥୀ କର୍ମୀ ମହଲରୁ ବାମପନ୍ଥୀ ଏକତାର ଆବାଜ ଉଠୁଛି । ଯେଉଁ ସାଲିସ ହେବାକୁ ଯାଉଛି ତାହା ବିରୁଦ୍ଧରେ ଲଢ଼ିବା ଲାଗି କମ୍ୟୁନିଷ୍ଟ ପାର୍ଟି ସମେତ ବାମପନ୍ଥୀ ଏକତା ହେଉ ଏହି ଦାବି ସେମାନେ ପ୍ରକାଶ କରୁଛନ୍ତି ।

କମ୍ୟୁନିଷ୍ଟ ପାର୍ଟି ଏହି ପ୍ରସ୍ତାବକୁ ବିଶେଷ ଗୁରୁତ୍ୱ ଦେଉଛି । ବାମ-ପନ୍ଥୀମାନେ ଯେ ଦକ୍ଷିଣପନ୍ଥୀ ନେତାମାନଙ୍କର ସାଲିସ ନୀତି ପ୍ରତି ଥିବା

Digitized by srujan ka@gmail.com

ମୋର୍ଚ୍ଚାକୁ ଷଡ଼ଯନ୍ତ୍ର ଏବଂ କମ୍ୟୁନିଷ୍ଟ ବିରୋଧ ପ୍ରଚାରର ବିଭେଦକାରୀ ଜାଲରୁ ଉଦ୍ଧାର କରନ୍ତି ଏହାହିଁ ଏଥିରୁ ପ୍ରମାଣିତ ହେଉଛି ।

ଅଣ ଦୁଇ ତରଫର ନେତାମାନେ ସାଲସର ବାଟ ଧରିଛନ୍ତି । ଏତେବେଳେ ସବୁ ବାମପନ୍ଥୀ ଏକତା ବାନ୍ଧି ଉପସ୍ଥିତ ବିପଦ ଲାଗି ଲୋକଙ୍କୁ ମତେଇ ସାମ୍ରାଜ୍ୟବାଦୀ ଯୋଜନାକୁ ବିରୋଧ କରିବା ଅତି ଜରୁରୀ ହୋଇ ଉଠିଛି ।

ବାମପନ୍ଥୀ ମିଳିତ ସଂଗ୍ରାମର ଭୂମିଆଦ

ଷାଲସ ବିରୁଦ୍ଧରେ ବାମପନ୍ଥୀମାନଙ୍କର ମିଳିତ କାର୍ଯ୍ୟକ୍ରମ ଲାଗି ଯେଉଁ ଇଚ୍ଛା ଦେଖାଯାଉଛି କମ୍ୟୁନିଷ୍ଟ ପାର୍ଟି ତାହାକୁ ପସନ୍ଦ କରୁଛି । ନିମ୍ନଲିଖିତ ମତେ ମିଳିତ କାର୍ଯ୍ୟ ହୋଇ ପାରିବ ବୋଲି ପାର୍ଟି ପ୍ରସ୍ତାବ କରୁଛି ।

★ ଶ୍ରମିକ, କୃଷି, କୃଷକ ଏବଂ ଛାତ୍ରମାନଙ୍କର ଖଣ୍ଡ ସଂଗ୍ରାମକୁ ସମର୍ଥନ ।

★ ଗଡ଼ଜାତ ଲୋକଙ୍କ ଆନ୍ଦୋଳନକୁ ସମର୍ଥନ

★ ସାମ୍ରାଜ୍ୟବାଦୀ ଯୋଜନାକୁ ପ୍ରତ୍ୟାଖ୍ୟାନ

★ କ୍ଷମତା ଲାଗି ଭାରତୀୟ ଜନତାର ମିଳିତ ସଂଗ୍ରାମ ।

★ ଜାତୀୟ ଗୋଷ୍ଠୀମାନଙ୍କୁ ଆତ୍ମନିୟନ୍ତ୍ରଣ ଅଧିକାର ମିଳୁ, ସାବାଳକ ଭୋଟ ଓ ସଂଖ୍ୟାନୁପାତିକ ପ୍ରତିନିଧି ପଠାଇବାର ଅଧିକାର ଦିଆଯାଇ ଶାସନ ବିଧାନକୁ ସଭା ଡକାଯାଉ । ଏହି ମୁଖ୍ୟ ଭିତ୍ତି ଭାବ ପଛରେ ଭାରତୀୟ ଜନତାର ମିଳିତ ସାମ୍ମୁଖ୍ୟ ଗଢ଼ାଯାଉ

କମ୍ୟୁନିଷ୍ଟ ପାର୍ଟି ଜାଣେ ଯେ ମୁଖ୍ୟ ବାମପନ୍ଥୀ ଦଳମାନେ ଏ ପର୍ଯ୍ୟନ୍ତ ଜାତୀୟ ଗୋଷ୍ଠୀଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ମାନି ନାହାନ୍ତି ।

Digitized by srujan ka@gmail.com

ଯାହାହେଉ ଉପରେ ଦିଆଯାଇଥିବା ଯେ କୌଣସି ଉପସୂତ୍ରରେ କମ୍ୟୁନିଷ୍ଟ ପାର୍ଟି ବାମପନ୍ଥୀଙ୍କ ସଙ୍ଗେ ମିଳିତ ସାମ୍ମୁଖ୍ୟ ଗଢ଼ିବାକୁ ତତ୍ପର ଅଛି ।

ଏହା ସଙ୍ଗେ ସଙ୍ଗେ ଜାତୀୟ ଗୋଷ୍ଠୀମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ଲାଗି ଆନ୍ଦୋଳନରେ ଯୋଗ ଦେବାକୁ କମ୍ୟୁନିଷ୍ଟ ପାର୍ଟି ସେମାନଙ୍କୁ ବରାବର ଡାକିଛି । କାରଣ ଶେଷ ଆକ୍ରମଣ ଲାଗି ହିନ୍ଦୁ ମୁସଲମାନ ଏକତାର ଏହା ହେଉଛି ଏକମାତ୍ର ଗଣତାନ୍ତ୍ରିକ ରାସ୍ତା ।

ସାମ୍ରାଜ୍ୟବାଦୀ ଯୋଜନା ବିରୁଦ୍ଧରେ ସମସ୍ତ ଭାରତୀୟ ଲୋକଙ୍କୁ ଉଠାଇବାକୁ ହେବ । ସ୍ୱାଧୀନତା ଓ କ୍ଷମତା ଲାଗି ବଡ଼ ବଡ଼ ଦଳମାନଙ୍କର ଏକତା ଲାଗି ଚଞ୍ଚଳ ମିଳିତ ସାମ୍ମୁଖ୍ୟ ଗଢ଼ିବାକୁ ହେବ । ତେଣୁ କମ୍ୟୁନିଷ୍ଟ ପାର୍ଟି ଏହି ମିଳିତ କାର୍ଯ୍ୟକଳାପର ପ୍ରସ୍ତାବ ବାଢ଼ୁଛି ।

ମାତ୍ର କଂଗ୍ରେସ ସାମ୍ୟବାଦୀ ଦଳ ଓ ଫରୱାର୍ଡ ବ୍ଲକ ନେତାମାନେ ବର୍ତ୍ତମାନ ଯେଉଁ ନୀତି ଧରିଛନ୍ତି ତାହା ମିଳିତ ସାମ୍ମୁଖ୍ୟ ଗଢ଼ିବାରେ ବଡ଼ ବାଧା ହୋଇ ଛିଡ଼ା ହୋଇଛି ।

କଂଗ୍ରେସ ସାମ୍ୟବାଦୀ ଦଳ ଓ ଫରୱାର୍ଡ ବ୍ଲକ ନେତୃତ୍ୱର ବିଭେଦକାମୀ ନୀତି

କଂଗ୍ରେସ ସାମ୍ୟବାଦୀ ଦଳ ଓ ଫରୱାର୍ଡ ବ୍ଲକ ଦୁହେଁ ସାମ୍ରାଜ୍ୟବାଦୀ ଯୋଜନାର ବିରୋଧ କରୁଛନ୍ତି ବୋଲି କହୁଛନ୍ତି । ମାତ୍ର କାର୍ଯ୍ୟରେ ସେମାନେ ଦକ୍ଷିଣପନ୍ଥୀଙ୍କର ଯୋଜନାକୁ ଅନୁସରଣ କରୁଛନ୍ତି ।

କମ୍ୟୁନିଷ୍ଟ ବିରୋଧୀ କୁତ୍ସାକଳାପରେ ସେମାନେ ଦକ୍ଷିଣପନ୍ଥୀଙ୍କୁ ବଳ ଯୋଗାଉଛନ୍ତି । ତେଣୁ ସାଲିସ ପନ୍ଥୀ ବୁର୍ଜୁଆ ସାଲିସ ବିରୋଧୀ ଶକ୍ତିକୁ ଖଣ୍ଡ ଖଣ୍ଡ କରିବାକୁ ଯେଉଁ ନୀତି ଧରିଛି ତାହାକୁ ମଦତ ମିଳୁଛି ।

Digitized by srujan ka@gmail.com

ବିରୋଧୀ ଶ୍ରମିକ ୟୁନିୟନ ଗଢ଼ିବାରେ ସେମାନେ ଦକ୍ଷିଣପନ୍ଥୀଙ୍କ ସଙ୍ଗେ ହାତ ମିଳାଉଛନ୍ତି । ସେହି ୟୁନିୟନଗୁଡିକ ଧର୍ମଘଟର ବିରୋଧୀ, ତେଣୁ ଶ୍ରମିକ ସଙ୍ଘର ବଢ଼ୁଥିବା ଆନ୍ଦୋଳନକୁ ଭାଙ୍ଗିବାରେ ଦକ୍ଷିଣ-ପନ୍ଥୀଙ୍କୁ ସାହାଯ୍ୟ କରୁଛନ୍ତି ।

ଧର୍ମଘଟ ପ୍ରତି ସେମାନେ ଏକ ସୁବିଧାବାଦୀ ନୀତି ଧରୁଛନ୍ତି । ଫଳରେ ଗଣ ଆନ୍ଦୋଳନ ବଢ଼ିବାରେ ବାଧା ଘଟାଉଛନ୍ତି ।

ଶ୍ରମିକମାନଙ୍କୁ ପୁଞ୍ଜିପତିଙ୍କ ବିରୁଦ୍ଧରେ ଓ ସାଲିସ ବିରୁଦ୍ଧରେ ଏକାଠି କରିବା ସେମାନଙ୍କର କାମ ହୋଇ ନାହିଁ । କମ୍ୟୁନିଷ୍ଟ-ମାନଙ୍କ ବିରୁଦ୍ଧରେ ଲଢିବା ପାଇଁ ସମସ୍ତଙ୍କର ସାଙ୍ଗରେ ସମଝୋତା କରିବା ସେମାନଙ୍କର ବଡ଼ କାମ ହୋଇଛି ।

କୃଷକ ସାମ୍ମୁଖ୍ୟରେ ମଧ୍ୟ ସେମାନଙ୍କର ନୀତି ଏଇଆ । ଏହି ନୀତି ତେଣୁ କୃଷକଙ୍କର ବଢ଼ୁଥିବା ଆନ୍ଦୋଳନକୁ ଭାଙ୍ଗି ଦେଉଛି ଏବଂ ସାମ୍ରାଜ୍ୟବାଦୀ ଯୋଜନା ବିରୁଦ୍ଧରେ ଆନ୍ଦୋଳନକୁ ଅସଂଗଠିତ କରୁଛି ।

ଜାତୀୟ ଏକତା ପରି ବଡ଼ ପ୍ରଶ୍ନରେ କଂଗ୍ରେସ ସାମ୍ୟବାଦୀ ଦଳ ଓ ଫରୱାର୍ଡ଼ ବ୍ଲକ ଉଭୟର ନେତୃତ୍ୱ ସାଲିସ ପନ୍ଥୀ ବୁର୍ଜ୍ୱା ନେତୃତ୍ୱକୁ ଅନୁସରଣ କରୁଛନ୍ତି; ଏବଂ ଜାତୀୟ ଗୋଷ୍ଠୀମାନଙ୍କୁ ଆତ୍ମନିୟନ୍ତ୍ରଣ ଅଧିକାର ଦେବା କଥା ସ୍ୱୀକାର କରୁନାହାଁନ୍ତି । ଲିଗ୍‌କୁ ସାମ୍ରାଜ୍ୟବାଦ ପକ୍ଷପାତୀ ବୋଲି ଗାଳି ଦେଇ ତାହା ସଙ୍ଗେ କୌଣସି କଥା କହିବେ ନାହିଁ ବୋଲି ଅଡି ବସିଛନ୍ତି । ଏ କ୍ଷେତ୍ରରେ ପୁଣି ସେମାନେ ମିଳିତ ସାମ୍ମୁଖ୍ୟକୁ ଭାଙ୍ଗି ଦେଉଛନ୍ତି, ମିଳିତ ସଂଗ୍ରାମ ଚଳାଇବା ଅସମ୍ଭବ କରି ଦେଉଛନ୍ତି । ତେଣୁ ସାଲିସ ପନ୍ଥୀ ନେତା ଓ ବ୍ରିଟିଶ ସାମ୍ରାଜ୍ୟବାଦର ହାତ ମୁଠା ଏହି ନୀତି ଫଳରେ ଟାଣ ହେଉଛି ।

କଂଗ୍ରେସ ସାମ୍ୟବାଦୀ ଦଳ (ସି, ଏସ୍, ପି,) ଓ ଫରୱାର୍ଡ଼ ବ୍ଲକ ଉଭୟେ ସାମ୍ୟବାଦ ନୀତିକୁ ଗ୍ରହଣ କରୁଛନ୍ତି ବୋଲି କହୁଛନ୍ତି । ବିରୋଧୀ

Digitized by srujan ka@gmail.com

ଶ୍ରମିକ ସଂଘ ଗତ ଶ୍ରମିକ ଶ୍ରେଣୀର ଏକତା ଭାଙ୍ଗିବା ବୁର୍ଜ୍ୱା ନେତୃତ୍ୱର କାର୍ଯ୍ୟ ହୋଇଛି । ଆଉ କଂଗ୍ରେସ ସାମ୍ୟବାଦୀ ଓ ଫରୱାର୍ଡ ବ୍ଲକର ନେତାମାନେ କମ୍ୟୁନିଷ୍ଟଙ୍କୁ ବିରୋଧ କରିବା ଫଳରେ ଅପ୍ରୋକ୍ଷେ ଯାଇଁ ଏହି ଶ୍ରମିକ ଏକତା ଭାଙ୍ଗିବା କାମର ପୂରାପୂରି ସମର୍ଥକ ହୋଇ ପଡ଼ୁଛନ୍ତି ।

ଏମାନଙ୍କ ଅନ୍ତର୍ଜାତୀୟ ନୀତି ମଧ୍ୟ ଏହିପରି । ସୋଭିଏଟ ୟୁନିୟନ ଓ ପୂର୍ବ ଇଉରୋପରେ ଓ ଏସିଆର ବୈପ୍ଳବିକ ଗଣତନ୍ତ୍ରକୁ ବ୍ରିଟିଶ ସାମ୍ରାଜ୍ୟବାଦୀ ଏଜେଣ୍ଟ ଓ ପୃଥିବୀର ପ୍ରତିକ୍ରିୟାଶୀଳ ଶକ୍ତି ବିରୋଧ କରୁଛନ୍ତି । ଏମାନେ ଏ କ୍ଷେତ୍ରରେ ସେମାନଙ୍କ ଏହି ନୀତିକୁ ସମର୍ଥନ କରୁଛନ୍ତି ।

ଷାଲ୍‌ସ ବିରୁଦ୍ଧରେ ଲଢ଼ିବା ଲାଗି କର୍ମୀ ମଣ୍ଡଳର ଆକାଂକ୍ଷା ଓ ସି, ଏସ୍, ପି, ଓ ଫରୱାର୍ଡ ବ୍ଲକ ନେତୃତ୍ୱର ଦୃଷ୍ଟିକୋଣ ଭିତରେ ଯେଉଁ ପାର୍ଥକ୍ୟ ରହିଛି ଏ କଥା ବାମପନ୍ଥୀ କର୍ମୀମାନେ ଦେଖିବା ଉଚିତ । ନେତୃତ୍ୱର ଏହି ଦୃଷ୍ଟିକୋଣ ଥିବା ପର୍ଯ୍ୟନ୍ତ ଅମର ପ୍ରସ୍ତାବିତ ମିଳିତ କାର୍ଯ୍ୟ କଷ୍ଟକର ହେବ ।

ତଥାପି ଷାଲ୍‌ସ ବିରୁଦ୍ଧରେ ଥିବା ବାମପନ୍ଥୀ ଦଳ ଓ ବାମପନ୍ଥୀ କର୍ମୀମାନଙ୍କ ଆଗରେ କମ୍ୟୁନିଷ୍ଟ ପାର୍ଟି ମିଳିତ କାର୍ଯ୍ୟର ପ୍ରସ୍ତାବ ରଖୁଛି । କାରଣ ମିଳିତ ବାମ ଦଳେ ମିଳିତ ମୁକ୍ତି ସାମ୍ମୁଖ୍ୟରେ ସମସ୍ତଙ୍କୁ ଏକଯୁଟ କରିହେବ, ବ୍ରିଟିଶ ଯୋଜନାକୁ ଭାଙ୍ଗି ହେବ ଏବଂ କ୍ଷମତା ଲାଗି ଅନ୍ତିମ ଆକ୍ରମଣ କରି ହେବ ।

ଏଥି ସଙ୍ଗେ ପାର୍ଟି ଏ କଥା ପରିଷ୍କାର କରି ରଖୁଛି ଯେ ବାମପନ୍ଥୀ ଦଳମାନେ ଗୋଟିଏ 'ବ୍ଲକ' ଗଢ଼ି ଷାଲ୍‌ସ ବିରୁଦ୍ଧରେ ଲଢ଼ି ପାରିବେ ନାହିଁ ।

ମିଳିତ ସାମ୍ମୁଖ୍ୟ ଗଠନରେ ସାରା କଂଗ୍ରେସକୁ ଆଣିବା ଲାଗି ଏ 'ବ୍ଲକ' ଏକ ନିଶ୍ଚିତ ବାଧା ସୃଷ୍ଟି କରିବ ।

Digitized by srujan ka@gmail.com

ଏହା ଫଳରେ କଂଗ୍ରେସ ଭିତରେ ବାମପନ୍ଥୀମାନେ 'ବ୍ଲକ' ଗଠି କଳ କୌଶଳରେ ଦକ୍ଷିଣପନ୍ଥୀ ନେତୃତ୍ୱକୁ ହଟେଇ ଦେଇ ପାରିବେ । ଏହି ଭ୍ରାନ୍ତ ଧାରଣା ଚହୁଅଡ଼େ ବ୍ୟାପିବ । ପେଟିପ.ଟି କରି କେବେହେଁ ଦକ୍ଷିଣପନ୍ଥୀ ନେତୃତ୍ୱକୁ ହଟାଇ ହେବ ନାହିଁ ।

ଅଧିକନ୍ତୁ, ଦଳ ଗଢ଼ କଳକୌଶଳରେ ଦକ୍ଷିଣପନ୍ଥୀ ନେତୃତ୍ୱକୁ ହଟେଇ ହେବ ଏହି ଭରସା ରଖିଲେ କେବଳ ଶ୍ରମିକ ଓ କୃଷକ ଶ୍ରେଣୀର ସ୍ୱାଧୀନ ଆନ୍ଦୋଳନ ଓ କମ୍ୟୁନିଷ୍ଟ କାର୍ଯ୍ୟକ୍ରମ ଯେ ଗଣତାନ୍ତ୍ରିକ ବିପ୍ଳବ ଲାଗି ମିଳିତ ସାମ୍ମୁଖ୍ୟ ଗଢ଼ି ପାରିବ ଏ ଆସ୍ଥା ରହିବ ନାହିଁ । ଏ ବୈପ୍ଳବିକ ପଥ ପ୍ରତି ଶ୍ରଦ୍ଧା କମିଯିବ । ଏହି ସବୁ କାରଣରୁ ମିଳିତ ଆନ୍ଦୋଳନ ଉଦ୍ଧ ପୂରଣ କରିବା ଲାଗି ଆମେ ବାମପନ୍ଥୀଙ୍କୁ ଡାକୁଛୁ । କାରଣ ଏହି ଦାବିରେ ହିଁ କେବଳ ସାଲିସ ବିରୁଦ୍ଧରେ ଲଢ଼ି ହେବ ।

ମୁସଲିମ୍ ଲିଗ୍‌ରେ ବାମପନ୍ଥୀ—

କମ୍ୟୁନିଷ୍ଟ ପାର୍ଟି ଜାଣେ ଯେ ମୁସଲିମ୍ ଲିଗ୍‌ର ବାମପନ୍ଥୀମାନେ ଅତି ଦୁର୍ବଳ । ବସ୍ତୁତଃ ଯେଉଁମାନେ ସାମ୍ରାଜ୍ୟବାଦର ବିରୋଧୀ ସେମାନଙ୍କ ସଂଖ୍ୟା ଲିଗ୍ ଭିତରେ ବେଶ୍ ବଢ଼ୁଛି । ସେମାନେ ଲିଗ୍‌ର ବୁର୍ଜୁଆ ଓ ସାମନ୍ତ ନେତୃତ୍ୱର ସାଲିସ ନୀତିରେ ଅସନ୍ତୁଷ୍ଟ । ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ସେମାନେ ମୁସଲମାନ ଜନତାକୁ ଲଗାଇବାକୁ ଇଚ୍ଛା କରୁଛନ୍ତି ।

ମୁସଲମାନ ଜନତାକୁ ଏକାଠି କରିବାକୁ ଲିଗ୍‌ର ବାମପନ୍ଥୀମାନଙ୍କୁ ନିମ୍ନଲିଖିତ ନୀତି ଓ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହେବ । ନଚେତ୍ ସେମାନେ ଲିଗ୍‌ର ବୁର୍ଜୁଆ ଓ ସାମନ୍ତ ନେତୃତ୍ୱର ସାଲିସ ନୀତି ବିରୁଦ୍ଧରେ ଲଢ଼ି ଆଗେଇ ପାରିବେ ନାହିଁ ।

Digitized by srujan ka@gmail.com

ଲିଗ୍ ନେତୃତ୍ୱ ସାମ୍ରାଜ୍ୟବାଦ ଉପରେ ଅସ୍ଥା ବା ବିଶ୍ୱାସ ରଖିଛି । ନିଜ ଦାବୀ ହାସଲ କରିବାକୁ କଂଗ୍ରେସ ସଙ୍ଗେ ଦର କଷାକଷି କରୁଛି । ଏ ଜଗତକୁ ପୁରାପୁରି ଛାଡ଼ ଦେବାକୁ ହେବ । ନିମ୍ନଲିଖିତ ବାଟ ସେମାନଙ୍କୁ ଧରିବାକୁ ହେବ । ଜାତୀୟ ଗୋଷ୍ଠୀମାନଙ୍କର ଆତ୍ମନିୟନ୍ତ୍ରଣ ଶକ୍ତି ଉପରେ ଲୋକଙ୍କର ଗଣତାନ୍ତ୍ରିକ ଭୋଟ ଦ୍ୱାରା ଭାରତୀୟ ଏକତା ଓ ପାକିସ୍ଥାନ ପ୍ରଶ୍ନ ସ୍ଥିର ହେବ । ବ୍ରିଟିଶ ସାମ୍ରାଜ୍ୟବାଦ ଏଥିରେ ହସ୍ତକ୍ଷେପ କରିବ ନାହିଁ ।

★ ସ୍ୱାଧୀନତା ଲାଗି, ବ୍ରିଟିଶ ବାହିନୀକୁ ତଡ଼ିବା ଲାଗି ଓ ରାଜା-ରାଜୁଡ଼ା ଶାସନକୁ ଲୋପ କରିବା ଲାଗି ଯେଉଁ ଆନ୍ଦୋଳନ ହେଉଛି ଲିଗ୍ ସେଥିରେ ବିନା ସର୍ତ୍ତରେ ଯୋଗ ଦେବ ।

★ ମୌଳିକ ଦାବୀ ପାଇଁ ଶ୍ରମିକ ଓ କୃଷୀମାନେ ଯେଉଁ ସାଧାରଣ ଲଢ଼େଇ କରୁଛନ୍ତି ଲିଗ୍ ତାହାକୁ ସମର୍ଥନ କରିବ ଏବଂ ଶ୍ରମିକ ସଂଘ ଓ କୃଷକ ସଭା ପ୍ରଭୃତି ଶ୍ରେଣୀ ସଂଗଠନକୁ ସାହାଯ୍ୟ ଦେଇ ଶକ୍ତିଶାଳୀ କରିବ ।

★ ଜମିଦାରୀ ପ୍ରଥା ବିରୁଦ୍ଧରେ ବଙ୍ଗଳା, ପଞ୍ଜାବ, ସିନ୍ଧୁର ମୁସଲମ୍ କୃଷୀମାନଙ୍କର ସାଧାରଣ ଆନ୍ଦୋଳନକୁ ଲିଗ୍ ସମର୍ଥନ କରିବ ।

ଏହିପରି କାର୍ଯ୍ୟକଳାପ ଓ ବିକାଶ ଫଳରେ ମୁସଲମାନ ଜନତା ଯେ ସାଧାରଣ ଆନ୍ଦୋଳନ ଭିତରକୁ ଟାଣି ହୋଇ ଆସିବେ ଏ କଥା ମୁସଲିମ୍ ଲିଗ୍‌ର ବାମପନ୍ଥୀମାନେ ନିଜ ଅଭିଜ୍ଞତାରୁ ବୁଝି ପାରିବେ । ଏହା ଫଳରେ ସମସ୍ତ ଭାରତୀୟଙ୍କ ସ୍ୱାଧୀନତା ପାଇଁ, ଭାରତୀୟ ମୁସଲମାନଙ୍କ ନ୍ୟାଯ୍ୟ ସଙ୍ଗତ ଦାବୀ ଲାଗି କଂଗ୍ରେସ-ଲିଗ୍ ମିଳିତ ସାମ୍ମୁଖ୍ୟ ହେବାକୁ ବାଟ ଫିଟିବ ।

(୮) ଗଣ ଆନ୍ଦୋଳନର ନେତୃତ୍ୱ

ମଜଦୁର, କୃଷୀ ଓ ଗଡ଼ଜାତ ପ୍ରଜାମାନଙ୍କ ଆନ୍ଦୋଳନକୁ ପାର୍ଟି ଠିକ୍ ମତେ ଚଳାଇବ ଏବଂ ଏହି ଆନ୍ଦୋଳନ ଲାଗି ସଠିକ ରଣନୀତିକ

Digitized by srujan ka@gmail.com

ଦେବ । ତାହାର ଫଳରେ ହିଁ କେବଳ କ୍ଷମତା ହାସଲ ଲାଗି ଆନ୍ଦୋଳନର ଆୟୋଜନ କରି ପାରିବ । ତାହାର ଫଳରେ ହିଁ କେବଳ ପାର୍ଟି ଓ ଗଣ ଅନୁଷ୍ଠାନକୁ ଶକ୍ତିଶାଳୀ କରି ପାର୍ଟିକୁ ସବୁକ୍ଷେତ୍ରରେ ମିଳିତ ସଂଗ୍ରାମର ସଂଗଠକ କରି ଗଢ଼ି ପାରିବ । ତାହାର ଫଳରେ ହିଁ କେବଳ ବୁର୍ଜୁୟା ନେତୃତ୍ୱର ବିଭେଦକାରୀ ନୀତିକୁ ପାର୍ଟି ଭାଙ୍ଗି ଦେଇ ପାରିବ ।

କଂଗ୍ରେସ ଓ ଲିଗ୍ ନେତୃତ୍ୱ ଦୁହେଁ ଏହି ଆନ୍ଦୋଳନକୁ ଭାଙ୍ଗି ଦେବେ କିମ୍ବା ଆନ୍ଦୋଳନ ଭିତରେ ବିଭେଦ ସୃଷ୍ଟି କରିବେ । ସେମାନଙ୍କ ଏ ପ୍ରକାର ଦୁଇଟି ଯାକ ପନ୍ଥାରେ ଗଣଆନ୍ଦୋଳନ ଖଣ୍ଡ ଖଣ୍ଡ ହୋଇଯିବ । ଏହି ଆନ୍ଦୋଳନ ସବୁରୁ ସାହସିକ ଓ ଲଢୁଆ ନେତୃତ୍ୱ ଦେଇ କମ୍ୟୁନିଷ୍ଟ ପାର୍ଟି ବିଭେଦକୁ ଦୂର କରି ଏକତା ଗଢ଼ିବ ।

ଆଜି ଦିନର ଧର୍ମଘଟର କୌଶଳ-

ମଜଦୁର ଦୁନିଆରେ ଆଜି ଯେଉଁ ନୂଆ ଅବସ୍ଥା ଉପୁଜିଛି ସେ ଦୃଷ୍ଟିରୁ ଧର୍ମଘଟ କୌଶଳକୁ ନିର୍ଣ୍ଣୟ କରିବାକୁ ହେବ । ଆଜି ଜୀବନ ଓ ଶ୍ରମ ଅତି ଖରାପ ହୋଇଥିବା ଯୋଗୁଁ ଦେଶସାରା ଶ୍ରମିକମାନଙ୍କ ଭିତରେ ଆପଣା ଛାଏଁ ଛାଏଁ ବଡ଼ ଆକାରରେ ଚେତନା ଜାଗ୍ରତ ହେଉଛି । ଏମିତିକି ଗୋଟିଏ ଜାଗାର ଧର୍ମଘଟ ଅନ୍ୟାନ୍ୟ ଶ୍ରମିକ ଓ ଜନସାଧାରଣଙ୍କର ସମର୍ଥନ ପାଉଛି । ଏହି ଧର୍ମଘଟ ପୁଣି ଅମଲାତନ୍ତ୍ର ଓ ନିଃସ୍ୱାର୍ଥ ବିରୁଦ୍ଧରେ ଏକସ୍ଥାନୀୟ ଲଢ଼େଇରେ ପରିଣତ ହେଉଛି ।

ଶ୍ରମିକମାନେ ଧର୍ମଘଟରେ ଲୋକଙ୍କ ମିଳିତ ସମର୍ଥନ ପାଇ ଆତ୍ମତ୍ୟାଗ କରି ଲଢୁଛନ୍ତି । ଏହା କେବେ ପୂର୍ବେ ଦେଖା ଯାଇ ନ ଥିଲା ।

ସଂଗଠନ, ଶ୍ରେଣୀ ଏକତା, ଉଚିତ ଦରମା ଓ ଜୀବନର ଉଚିତ ହାର ଲାଗି ଲଢ଼ିବାର ଭାବ ସବୁ ଶ୍ରେଣୀର ଶ୍ରମିକଙ୍କ ଭିତରେ

Digitized by srujan ka@gmail.com

ଜାଗ୍ରତ ହୋଇଛି । ଏମିତିକି ବ୍ୟାଙ୍କ କର୍ମଚାରୀ, ବୀମା, ପ୍ରାଇମେରୀ ଶିକ୍ଷକ, ପୋଲିସ ଓ ସରକାରୀ କର୍ମଚାରୀମାନେ ମଧ୍ୟ ଏଥିରୁ ବାଦ ପଡ଼ି ନାହାଁନ୍ତି ।

ନିଖିଳ ଭାରତ ଡାକ କର୍ମଚାରୀ ଧର୍ମଘଟ ବେଳେ ଓ ନିଖିଳ ଭାରତ ରେଲବାଇ ଧର୍ମଘଟ ପାଇଁ ଆୟୋଜନ ହେଉଥିବାବେଳେ, ଯେଉଁ ପ୍ରବଳ ଜନମତ ଉଠିଥିଲା ସେଥିରୁ ଏକଥାର ପ୍ରମାଣ ମିଳୁଛି ।

ଶ୍ରମିକମାନଙ୍କ ଭିତରେ ଶ୍ରେଣୀ ଏକତା ବଢ଼ୁଛି

ସହାନୁଭୂତି ମୂଳକ ଧର୍ମଘଟ (ଡାକ ଧର୍ମଘଟରେ ସମର୍ଥନ) ଏବଂ ପ୍ରତିବାଦମୂଳକ ରାଜନୈତିକ ଧର୍ମଘଟ (ନୌବାହିନୀ, କାଶ୍ମୀରରେ ପଣ୍ଡିତ ନେହେରୁଙ୍କ ଗିରଫ ପ୍ରଭୃତି) ରେ ଶ୍ରମିକମାନେ ଅଗ୍ରସର ହୋଇଛନ୍ତି । ସେଥିରୁ ସେମାନଙ୍କର ଧୀରେ ଧୀରେ ଶ୍ରେଣୀ ଏକତା ଓ ରାଜନୈତିକ ଚେତନା ଯେ ବଢ଼ୁଛି ତାହା ପ୍ରମାଣିତ ହେଉଛି ।

ଆପଣା ଛାଏ ଏ ଯେଉଁ ବିକାଶ ହେଉଛି ପାର୍ଟି ତାର ପଛରେ ପଡ଼ିଛି ଏବଂ ଆପଣା ଛାଏଁ ଉଠୁଥିବା ଧର୍ମଘଟ ତରଙ୍ଗକୁ ପାର୍ଟି ଠାଣୁଆ ନେତୃତ୍ୱ ଦେବାରେ ଏ ପାଖ ସେ ପାଖ ହୋଇଛି ।

ଶିଳ୍ପକେନ୍ଦ୍ରମାନଙ୍କର ସବୁ ରକମର ଶିଳ୍ପକାରଖାନାରେ ସାଧାରଣ ଧର୍ମଘଟ ଆଡ଼କୁ ଅବସ୍ଥା ଅତି ଶୀଘ୍ର ଗତି କରୁଛି ବୋଲି ପାର୍ଟି ଅନୁଭବ କରୁଛି । ଶ୍ରମିକମାନଙ୍କ ଉପରେ ହେଉଥିବା ଦମନକୁ ପ୍ରତିରୋଧ କରିବା ପାଇଁ ଓ ସେମାନଙ୍କ ଲଢ଼ୁଆ ଶକ୍ତିର ବିକାଶ ଦିଗରେ ପାର୍ଟି କଷ୍ଟକୁ ନେତୃତ୍ୱ ଦେବ ।

ମୌଳିକ ଦାବୀ ଲାଗି ବଡ଼ ଶିଳ୍ପରେ ଶ୍ରମିକମାନଙ୍କର ମିଳିତ ଧର୍ମଘଟ ସଂଗ୍ରାମ ଶ୍ରମିକ ଶ୍ରେଣୀର ଆନ୍ଦୋଳନକୁ ଏକ ଉଚ୍ଚସ୍ତରକୁ ନେଇପାରିବ ଏବଂ ସାରା ଶ୍ରମିକ ଶ୍ରେଣୀକୁ ସାଧାରଣ ଲଢ଼େଇରେ ଏକାଠି କରାଇବ ।

ଦମନ ଓ ଅତ୍ୟାଚାରର ପ୍ରତିବାଦ କରି ଏବଂ ଗଡ଼ଜାତ ପ୍ରଜା-ମାନଙ୍କର ଆନ୍ଦୋଳନକୁ ସମର୍ଥନ କରି ପାର୍ଟି ରାଜନୈତିକ ଧର୍ମଘଟ କରାଇବ । କ୍ଷମତା ହାସଲ ଲାଗି ଯେଉଁ ସାଧାରଣ ଆନ୍ଦୋଳନ ହେବ

Digitized by srujan ka@gmail.com

ତାର ଅଂଶ ହିସାବରେ ଏହି ସାଧାରଣ ଭାବରେ ଏହି ଧର୍ମଘଟ କରିବାକୁ ପାର୍ଟି ଶ୍ରମିକ ଶ୍ରେଣୀକୁ ତିଆର କରିବ ।

ଏହିପରି ଭାବେ ଧର୍ମଘଟ ଗୁଡ଼ିକରୁ ପାର୍ଟି ସ୍ତରକୁ ସ୍ତର ନେତୃତ୍ୱ ଦେଇ ଚଳେଇବ । ପାର୍ଟି ସବୁ ଶ୍ରମିକଙ୍କୁ ନେଇ ସକ୍ରିୟ ଭାବେ ଟ୍ରେଡ୍ ୟୁନିୟନ ଗଢ଼ି ତାହାକୁ ବଢ଼େଇବ ଏବଂ ଶ୍ରମିକମାନଙ୍କ ଭିତରେ ପାର୍ଟି କେନ୍ଦ୍ରକୁ ଶକ୍ତିଶାଳୀ କରିବ । ଏହା ଫଳରେ ଶ୍ରମିକଶ୍ରେଣୀ ଉପରେ ବୁର୍ଜୁୟା ନେତୃତ୍ୱର ପ୍ରଭାବ ଶେଷ ହେବ । ଭବିଷ୍ୟତ ବିପ୍ଳବର ଶେଷ ଅଧ୍ୟାୟ-ରେ ଏହା ଫଳରେ ଭାରତ ଜନତାର ଅସଲ ଲଢ଼ୁଆ ଶକ୍ତିକୁ ସଂଗଠିତ କରି ପାରିବ ।

କୃଷକ ଆନ୍ଦୋଳନର ନୂଆ ବାଟ

ଯେତେବେଳେ ଗଣ ଅଭ୍ୟୁତ୍ଥାନ ଖୁବ ଜୋରରେ ଚାଲିଛି, କୃଷକଶ୍ରେଣୀ ଶ୍ରମିକଶ୍ରେଣୀର ପଛରେ ପଡ଼ି ଯାଇଛି । ତଥାପି କୃଷକମାନେ ଜମିଦାର, ମଜୁତକାରୀ, ମହାଜନମାନଙ୍କ ବିରୁଦ୍ଧରେ ଅତି ଲଢ଼ୁଆ ସଂଗ୍ରାମ ଚଳାଇଛନ୍ତି । ମେଦିନୀପୁର, ବସ୍ତି ପ୍ରଭୃତିରେ ଏହା ଦେଖାଯାଉଛି ।

> କୃଷକମାନଙ୍କର ଗଣଆନ୍ଦୋଳନ ନିଶ୍ଚୟ ଆହୁରି ଟାଣୁଆ ହେବ । ଖାଦ୍ୟାଭାବ, ଦରକାରୀ ଜିନିଷର ଦର ବୃଦ୍ଧି, ଗାଁ ମହଲରେ ଜମିଦାରମାନଙ୍କର ଅତ୍ୟାଚାର ଟାଣୁଆ ଲଢ଼େଇ କରିବାକୁ ସେମାନଙ୍କୁ ବାଧ୍ୟ କରିବ ।

କମ୍ୟୁନିଷ୍ଟ ପାର୍ଟି ଏହି ଗଣଆନ୍ଦୋଳନକୁ ସମର୍ଥନ ଜଣାଉଛି । କୃଷକମାନେ ଅତି ନିର୍ମମ ଦମନ ଲୀଳାର ମୁହାଁମୁହିଁ ହେବା ଲାଗି ପାର୍ଟି ସେମାନଙ୍କୁ ସଂଗଠିତ କରିବ ।

କୃଷକ ଛଡ଼ା ଗାଁରେ ବା ସହରରେ ଅନ୍ୟ ଯେଉଁମାନେ ରହିବେ ଏହି କୃଷକମାନଙ୍କୁ ସେମାନେ ଯେପରି ସମର୍ଥନ କରନ୍ତି ପାର୍ଟି ସେଥିଲାଗି ଆନ୍ଦୋଳନ କରିବ । କୃଷକ, ଶ୍ରମିକ ଓ ଅନ୍ୟ ଲୋକ-ଆନ୍ଦୋଳନକୁ ଏକାଠି କରିବାରେ ପାର୍ଟି ସାହାଯ୍ୟ କରିବ । ସାମ୍ରାଜ୍ୟବାଦୀ ଯୋଜନା ବିରୁଦ୍ଧରେ ଗଣତାନ୍ତ୍ରିକ ଗାଁ ମହଲ ଗଢ଼ିବା ଲାଗି ପାର୍ଟି କୃଷକ ସଭାକୁ ହତିଆର କରିବା ଲାଗି ଶକ୍ତିଶାଳୀ କରିବ ।

Digitized by srujan ka@gmail.com

କୃଷକବିରୋଧୀଆଇନକୁ ପ୍ରତିରୋଧ କରିବ

ତୁରନ୍ତ ଜମିଜମା ଆଇନ କରାଯାଉ ବୋଲି ପାର୍ଟି ମନ୍ତ୍ରୀଙ୍କ ପାଖରେ ଦାବୀ କରିବ । ଜମିଦାରମାନେ କୃଷକମାନଙ୍କୁ ଜମିରୁ ଉଠାଇ ଦେଲା ବେଳେ ରଇୟତମାନେ ତାହାର ଯେଉଁ ପ୍ରତିରୋଧ କରିବେ ପାର୍ଟି ତାହାକୁ ସମର୍ଥନ କରିବ । ଜମିଦାରର ଅନାବାଦୀ ଜମିକୁ କୃଷି ପାଇଁ ଦଖଲ କରିବାକୁ ସମର୍ଥନ ଜଣାଇବ । ଯେଉଁ ଚାଷୀମାନେ ଖଜଣା, ଟିକସ ପ୍ରଭୃତି ଦେବାକୁ ଅସମର୍ଥ ସେମାନଙ୍କର ଖଜଣା ବନ୍ଦ ଆନ୍ଦୋଳନକୁ ମଧ୍ୟ ପାର୍ଟି ସମର୍ଥନ ଦେବ ।

ସମାନ ଖାଦ୍ୟ ବଣ୍ଟନ, ନ୍ୟାଯ୍ୟସଙ୍ଗତ ଖାଦ୍ୟସଂଗ୍ରହ ଓ ପଡ଼ତ ପ୍ରଥାକୁ ପାର୍ଟି ସମର୍ଥନ ଦେବ । ଖାଦ୍ୟ କମିଟି, କୋ-ଅପରେଟିଭ ସୋସାଇଟି ଲୋକାଲବୋର୍ଡ, ଡିଷ୍ଟ୍ରିକ୍ଟବୋର୍ଡ ପ୍ରଭୃତି ସ୍ୱାୟତ୍ତଶାସନ ଅନୁଷ୍ଠାନକୁ ପାର୍ଟି ଲୋକସାଧାରଣଙ୍କର ଉପକାରରେ ଲଗାଇବ । ମାତ୍ର ତାହା ସଙ୍ଗେ ସଙ୍ଗେ ଗରୀବ ଚାଷୀଙ୍କଠାରୁ ଅଧିକ ସଂଗ୍ରହ ପ୍ରଭୃତିରେ ସରକାର କୃଷକ ବିରୋଧୀ କାର୍ଯ୍ୟର ପାର୍ଟି ପ୍ରତିରୋଧ କରିବ ।

ଯେଉଁସବୁ ଅଞ୍ଚଳରେ ଲୋକେ ଉପବାସ ରହୁଅଛନ୍ତି ସେଠିକାର ମହଜୁତକାରୀ ଓ ସରକାରର ଭଣ୍ଡାରରୁ ଲୋକଙ୍କ ଢମା ବାଣ୍ଟିବାକୁ ଦିଆଯାଉ ବୋଲି ପାର୍ଟି ଦାବୀ କରିବ ।

ଜଳସେଚନର ସୁବିଧା; ମଞ୍ଜି, ସାର ପ୍ରଭୃତି ଲାଗି ଆଇନ ଓ ଶାସନଗତ ବ୍ୟବସ୍ଥା ହେଉ ବୋଲି ପାର୍ଟି ଦାବୀ ଓ ଆନ୍ଦୋଳନ କରିବ । ଏହା ସଙ୍ଗେ ସଙ୍ଗେ ଜମିଦାର ବା ସରକାରର ଜଳାଧାରକୁ ଦଖଲ କରି ନେବା ବା ମହଜୁତକାରୀର ମଞ୍ଜି, ସାର ପ୍ରଭୃତି ଦଖଲ କରିବା ପ୍ରଭୃତି ଲୋକମାନଙ୍କର ଆନ୍ଦୋଳନକୁ ପାର୍ଟି ସମର୍ଥନ ଦେବ ।

କୃଷକମାନଙ୍କର ଏହି ଆନ୍ଦୋଳନକୁ ସଂଗଠିତ କଲା-ବେଳେ ଯେପରି ଏହି ଆନ୍ଦୋଳନର ମାଡ଼ ଜମିଦାର, ମହାଜନ ଏବଂ ଅମଲାତନ୍ତ୍ର ଉପରେ ପଡ଼ିବ ଏକଥା ପାର୍ଟି ଦେଖିବ । ଲୋକଙ୍କ ଶତ୍ରୁ ବିରୁଦ୍ଧରେ ଯେପରି ପ୍ରତି ଗାଁରେ ବେଶୀ ଏକତା ଆସି ପାରେ ସେଥିପ୍ରତି ନଜର ଦେବ ।

Digitized by srujan ka@gmail.com

ଆନ୍ଦୋଳନ ଚାଲିଥିବା ପ୍ରତ୍ୟେକ ଜାଗାରେ ଓ କୃଷକ ଶ୍ରମିକଙ୍କ ଭିତରେ ଯେପରି ବନ୍ଧୁଭାବ ବଢ଼ିବ ସେଥିପ୍ରତି ପାର୍ଟି ଦୃଷ୍ଟି ଦେବ । କୃଷକମାନେ ଶ୍ରମିକମାନଙ୍କୁ ଖାଦ୍ୟ ଶସ୍ୟ ଯୋଗାଇ ସାହାଯ୍ୟ କରିବେ ଓ ଶ୍ରମିକମାନେ କୃଷକଙ୍କ ଆନ୍ଦୋଳନ ପାଇଁ ଧର୍ମଘଟ ଘୋଷଣା କରିବେ ।

ଗଡ଼ଜାତ ଲୋକଙ୍କ ଆନ୍ଦୋଳନ

ନିଖିଳ ଭାରତ ପ୍ରଜାମଣ୍ଡଳର ବଡ଼ କର୍ତ୍ତାମାନେ ଆନ୍ଦୋଳନ-ବିରୋଧୀ ନୀତି ଧରିଛନ୍ତି । ବାହାରୁ କଂଗ୍ରେସର ବଡ଼ ନେତାମାନେ ଏହି ଆନ୍ଦୋଳନକୁ ଭାଙ୍ଗିଦେବାକୁ ଚେଷ୍ଟା କରୁଛନ୍ତି । ତଥାପି ଭାରତୀୟ ଗଡ଼ଜାତମାନଙ୍କରେ ସ୍ଥାନେ ସ୍ଥାନେ ଆନ୍ଦୋଳନ ସୃଷ୍ଟି ହୋଇଛି । (କାଶ୍ମୀର, ତ୍ରିବାଙ୍କୁର, ହାଇଦ୍ରାବାଦ ପ୍ରଭୃତି ଅନୁବାଦକ)

କଂଗ୍ରେସ ନେତୃତ୍ୱ ରଜାମାନଙ୍କ ସଙ୍ଗେ ଆପୋଷ କରିବା ନୀତି ଧରିଛନ୍ତି ଏବଂ ନିଖିଳ ଭାରତ ଗଡ଼ଜାତ ପ୍ରଜାସମ୍ମିଳନୀକୁ ନିଜର ଦାବୀ କୋହଳ କରିବାକୁ ବାଧ୍ୟ କରୁଛନ୍ତି । ନିଖିଳ ପ୍ରଜାମଣ୍ଡଳର ନେତାମାନେ ମଧ୍ୟ ଆପୋଷ ନୀତି ଧରୁଛନ୍ତି । ତେଣୁ ପ୍ରଜାମଣ୍ଡଳରେ ସାଧାରଣ କର୍ମୀ ମହଲରେ ଏଥିଲାଗି ଘୋର ଅସନ୍ତୋଷ ଦେଖା ଦେଉଛି ।

ପ୍ରଜାମଣ୍ଡଳ ଭିତରେ ଓ ବାହାରେ କମ୍ୟୁନିଷ୍ଟମାନେ ନିମ୍ନଲିଖିତ ମୁଖ୍ୟ ଦାବୀଗୁଡ଼ିକ ଉପସ୍ଥାପିତ କରି ତାହାକୁ ଲୋକପ୍ରିୟ କରିବେ—

"ଏକଛତ୍ର ଶାସନ ଲୋପକର"—ରଜା ନବାବ ରହିବେ କି ନ ରହିବେ, ଠିକ୍ କରିବା ଲାଗି, ଗଡ଼ଜାତର ଶାସନ କ୍ଷମତା ହାତେଇ ନେବା ଲାଗି ଏବଂ ବାକି ଭାରତ ସଙ୍ଗେ ମିଶିବାକୁ ନିଷ୍ପତ୍ତି କରିବା ଲାଗି ସାବାଳକ ଭୋଟ ଉପରେ ଗଡ଼ଜାତର ଶାସନ ବିଧାୟକ ସଭା ଗଠିତ ହେଉ ।

ଏପରି ଦାବୀଗୁଡ଼ିକ ଆମକୁ ପ୍ରଜାମଣ୍ଡଳମାନଙ୍କଠାରୁ ଅଲଗା କରିଦେବ-ଏକଥା ଭାବିବା ଭୁଲ ହେବ । ପ୍ରଜାମଣ୍ଡଳର ସାଧାରଣ ଓ ମଧ୍ୟମ କର୍ମୀମାନଙ୍କ ଭିତରେ ଏହାକୁ ପ୍ରଚାର କରିବାକୁ ହେବ । ଆମର ସ୍ୱତନ୍ତ୍ର

Digitized by srujan ka@gmail.com

କୃଷକ ଓ ଶ୍ରମିକସଂଘ ଜରିଆରେ ଆମେ ଗଡ଼ଜାତ ସୈନ୍ୟମାନଙ୍କ ଭିତରେ ଏହିକଥା ପ୍ରଚାର କରିବୁଁ । ତାହା ନ କଲେ ସାମ୍ରାଜ୍ୟବାଦ ଓ ସାମ୍ରାଜ୍ୟବାଦୀ ଯୋଜନା ସଂଗେ ସାଲିସ୍ କରିବା ନୀତି ସଙ୍ଗେ ଆମ କାମ ସମାନ ହେବ ।

ନାଗରିକ ଅଧିକାର ଲାଗି କମ୍ୟୁନିଷ୍ଟମାନେ ଗଡଜାତରେ ବ୍ୟାପକ ଆନ୍ଦୋଳନ କରିବେ । ରାଜାମାନେ ପ୍ରଜାମାନଙ୍କ ଉପରେ ଯେଉଁ ଦଣ୍ଡ ଶାସନ ଖସଡ଼ା ଲଦି ଦେଉଛନ୍ତି ତାର ବିରୋଧ କରିବେ । ଏହି ଶାସନ ବିଧାୟକ ସଭାକୁ ଯେଉଁ ମନୋନୀତ ପ୍ରତିନିଧି ଗଡଜାତରୁ ଯିବେ ସେ ନୀତିର ମଧ୍ୟ ବିରୋଧ କରିବେ । ପ୍ରତ୍ୟେକ ଗଡ଼ଜାତରେ ସାବାଳକ ଭୋଟ ଉପରେ ପ୍ରତିଷ୍ଠିତ ଶାସନ ବିଧାୟକ ସଭା ଲାଗି ଓ ପ୍ରକୃତ ନିଖିଳ ଭାରତ ଶାସନ ବିଧାୟକ ସଭାରେ ଯୋଗ ଦେବା ଲାଗି କମ୍ୟୁନିଷ୍ଟମାନେ ଦାବୀ କରିବେ ।

ନାଗରିକ ଅଧିକାର ଓ ଜରୁରି ଦାବୀ ହାସଲ ଲାଗି କମ୍ୟୁନିଷ୍ଟ-ମାନେ ଗଡ଼ଜାତରେ କୃଷକ ଓ ଶ୍ରମିକମାନଙ୍କ ଆନ୍ଦୋଳନ ପ୍ରତି ବିଶେଷ ଜୋର ଦେବେ । ଅଧିକ ମଧ୍ୟ ·ସ୍ଥାନୀୟ ପ୍ରଜାମଣ୍ଡଳ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ଅନୁଷ୍ଠାନ ସଙ୍ଗେ କମ୍ୟୁନିଷ୍ଟମାନେ ମିଳିତ ସାମ୍ମୁଖ୍ୟ ଗଢିବେ ।

ଏହି ମୁଖ୍ୟ ରାଜନୈତିକ ଦାବୀଗୁଡ଼ାକକୁ ଲୋକପ୍ରିୟ କରିବାକୁ ହେବ । ସେମାନଙ୍କର ଆନ୍ଦୋଳନକୁ ସମର୍ଥନ କରି ସେଥିରେ ଭାଗ ନେଲେ ଯାଇଁ ସ୍ଥାନୀୟ ପ୍ରଜାମଣ୍ଡଳର ସାଧାରଣ ଓ ମଧ୍ୟମକର୍ମୀମାନଙ୍କୁ ଆମେ ଏ ବାଟକୁ ଟାଣି ଆଣି ପାରିବା ।

ପ୍ରଜାମଣ୍ଡଳ ନେତୃତ୍ୱରେ ସାଲିସ ନୀତି କବଳରୁ ଉଦ୍ଧାର ଦେବା ଏବଂ କାନ୍ତିର ପର ସବୁ ଗଡଜାତରେ ବ୍ୟାପକ ଆନ୍ଦୋଳନ ଆରମ୍ଭ କରିବା ଆମର ଲକ୍ଷ୍ୟ ।

ଛାତ୍ର ଐକ୍ୟ ଏବଂ ଛାତ୍ର ଆନ୍ଦୋଳନ

ନୌ ବିଦ୍ରୋହ ଏବଂ ଜାତୀୟ ବାହିନୀ ଖଲାସ ଦାବୀ କରି ଯୁଦ୍ଧୋ-ତ୍ତର ଭାରତରେ ଯେଉଁ ସବୁ ପ୍ରଥମ ଆନ୍ଦୋଳନ ହେଲା ସେଥିରେ ଛାତ୍ର-ମାନେ ସାରା ଭାରତ କ୍ଷେତ୍ରରେ ଯୋଗ ଦେଇଥିଲେ ।

Digitized by srujan ka@gmail.com

ସାମ୍ରାଜ୍ୟବାଦୀ ପୁଲିସ ଓ ସୈନ୍ୟବାହିନୀ ସଙ୍ଗେ ସଂଘର୍ଷରେ ଆସିଲାବେଳେ ଛୋଟ ଛୋଟ ଛାତ୍ରଛାତ୍ରୀ ଅତି ଅଦ୍ଭୁତପୂର୍ବ ବୀରତ୍ୱ ଦେଖାଇ-ଥିଲେ । ଏହି ବିରାଟ ଆନ୍ଦୋଳନମାନଙ୍କରେ ହିନ୍ଦୁ ମୁସଲମାନ ଛାତ୍ରମାନେ ଛାତ୍ର କଂଗ୍ରେସ, ଛାତ୍ରସଂଘ, ମୁସଲିମ ଛାତ୍ରସଂଘ ପଛରେ ଏକ ହୋଇ ଛିଡ଼ା ହୋଇଥିଲେ ।

> ଶ୍ରମିକ ଶ୍ରେଣୀର ଧର୍ମଘଟ ସଙ୍ଗରେ ଛାତ୍ରମାନେ ଧର୍ମଘଟ କରି ଆମ ଇତିହାସରେ ପ୍ରଥମ କରି ଛାତ୍ର, ଶ୍ରମିକ ଏକତା ଆଣିଛନ୍ତି । ଏହା ସଙ୍ଗେ ସଙ୍ଗେ ଛାତ୍ର ଜନତା ନିଜର ଛାତ୍ର ଜୀବନ ଓ ଶିକ୍ଷା ପ୍ରଭୃତି ଅସଲ ସମସ୍ୟାମାନଙ୍କରେ ଦିନୁ ଦିନ ଏକ ହୋଇ ଛିଡ଼ା ହେଉଛନ୍ତି ।

ଲଢୁଆ ମୁକ୍ତିଶକ୍ତିର ସଂଗ୍ରାମରେ ଏହି ଏକତାକୁ କମ୍ୟୁନିଷ୍ଟ ପାର୍ଟି ଅଭିନନ୍ଦନ ଜଣାଉଛି । ଶ୍ରମିକ, କୃଷକ ଏବଂ ଜାତୀୟ ଆନ୍ଦୋଳନରେ ଛାତ୍ରମାନଙ୍କର ଏକତାବଦ୍ଧ ରାଜନୈତିକ ଧର୍ମଘଟ ଓ ପ୍ରଦର୍ଶନକୁ ମଧ୍ୟ ସ୍ୱାଗତ କରୁଛି ।

> ଶ୍ରମିକ, କୃଷକ, ଏବଂ ଛାତ୍ରମାନଙ୍କ ଭିତରେ ଯେପରି ବନ୍ଧୁତ୍ୱ ହେଉଛି ତାହାକୁ କମ୍ୟୁନିଷ୍ଟ ପାର୍ଟି ଖୁବ୍ ଗୁରୁତ୍ୱ ଦେଉଛି । ଏହି ବନ୍ଧୁତା ବୈପ୍ଳବିକ ଜନତାକୁ ଉନ୍ନତ କରିବ ଏବଂ ତାଙ୍କର ଆନ୍ଦୋଳନରେ ଏକ ନୂଆ ଅଧ୍ୟାୟ ଖୋଲିବ ।

ଦେଶରେ ଶିକ୍ଷା ଏବଂ ପୂର୍ଣ୍ଣ ସାଂସ୍କୃତିକ ଓ ସାମାଜିକ ଜୀବନର ବିକାଶ ଲାଗି ଅତି କମ୍ ସୁଯୋଗ ଅଛି । ସ୍କୁଲ ଓ କଲେଜମାନଙ୍କରେ ଅତି ପ୍ରତିକ୍ରିୟାଶୀଳ, ମାନ୍ଧାତା ଧରଣର, ଅନେକବେଳେ ଜାତୀୟତା ବିରୋଧୀ ଶିକ୍ଷା ଚଳୁଛି । ପ୍ରତ୍ୟେକ ଶିକ୍ଷିତ ଯୁବକ ଆଗରେ ଆଜି ଗୁରୁତର ବେକାର ସମସ୍ୟା । ଏ ସବୁଥିରେ କେବଳ ଟାଣ ଲଢୁଆ ଗଣଆନ୍ଦୋଳନହିଁ ପରିବର୍ତ୍ତନ ଆଣିପାରେ ବୋଲି କମ୍ୟୁନିଷ୍ଟ ପାର୍ଟି ଦୃଢ଼ ଭାବେ ବିଶ୍ୱାସ କରୁଛି ।

ଛାତ୍ରମାନଙ୍କର ଉନ୍ନତ ଶିକ୍ଷା ଲାଗି ଯେଉଁ ଆନ୍ଦୋଳନ ହେବ ନିମ୍ନଲିଖିତ ମୁଖ୍ୟ ଉଣତ୍ୱାଦ ଦେଇ କମ୍ୟୁନିଷ୍ଟ ପାର୍ଟି ତାହାକୁ ସମର୍ଥନ କରୁଛି ।

Digitized by srujan ka@gmail.com

★ ଆମ ଶିକ୍ଷା ପଦ୍ଧତିକୁ ଗଣତାନ୍ତ୍ରିକ କରାଯାଉ । ସ୍କୁଲ ଓ କଲେଜରେ ସବୁ ରକମର ଜାତୀୟତା ବିରୋଧୀ ସାମ୍ରାଜ୍ୟବାଦୀ ଭାବ ଧାରାକୁ ବେଆଇନ କରାଯିବ ।

★ ସ୍କୁଲ କଲେଜର ଶିକ୍ଷାକୁ ତୁରନ୍ତ ବଢାଯାଉ । ଶିକ୍ଷକମାନଙ୍କୁ ଯଥେଷ୍ଟ ଦରମା ଓ ଜୀବନ ଧାରଣର ଉତ୍ତମ ସୁଯୋଗ ଦିଆଯାଉ । ସାର୍ବଜନୀନ ଶିକ୍ଷାର ତୁରନ୍ତ ପ୍ରସାର ହେଉ ଏବଂ ଜାତୀୟ ପୁନର୍ଗଠନ ଲାଗି ଉପଯୁକ୍ତ ଲୋକ ନିଯୁକ୍ତ ହୁଅନ୍ତୁ ।

★ ସମସ୍ତେ ଶିକ୍ଷା ଲାଭ କରି ପାରିବେ ଏପରି ବ୍ୟବସ୍ଥା ହେଉ ।

★ ପଛୁଆ ସଂପ୍ରଦାୟ ଓ ଜାତୀୟଗୋଷ୍ଠୀର ଗରୀବ ଛାତ୍ରମାନଙ୍କୁ ଗ୍ରାଣ୍ଟ, ବୃତ୍ତି ପ୍ରଭୃତିର ବିଶେଷ ସୁଯୋଗ ଦିଆଯାଉ ।

★ ସମସ୍ତ ଶିକ୍ଷିତ ଯୁବକଙ୍କ ପାଇଁ ଗୃହକର୍ମର ନିଶ୍ଚିତ ବ୍ୟବସ୍ଥା କରାଯାଉ ।

(୯) ପାର୍ଟିର ଭୂମିକା

ପାର୍ଟି ଓ ତା'ର ପରିପୂର୍ଣ ହଜାର ସଭ୍ୟଙ୍କ ଉପରେ ଏକ ବିରାଟ ଐତିହାସିକ ଦାୟିତ୍ୱ ଆସି ପଡିଛି । ଭାରତର ଜାତୀୟ ଆନ୍ଦୋଳନ ଏକ ବୈପ୍ଳବିକ ଅଧ୍ୟାୟରେ ପହଞ୍ଚିଛି । ଏତିକିବେଳେ ସାମ୍ରାଜ୍ୟବାଦ ନିଜ ଯୋଜନାକୁ ବାଢ଼ି ଭାରତୀୟ ବିପ୍ଳବକୁ ଚୂନମାର କରିବାକୁ ବସିଛି । ତେଣୁ ଏହି ଚକ୍ରାନ୍ତକୁ ଭାଙ୍ଗି ଯୁଦ୍ଧପର ଭାରତୀୟ ବୈପ୍ଳବିକ ଅଭ୍ୟୁତ୍ଥାନକୁ କ୍ଷମତା ହାସଲ ଲାଗି ସମସ୍ତଙ୍କର ମିଳିତ ସାମ୍ମୁଖ୍ୟରେ ପରିଣତ କରିବା ପାଇଁ ପ୍ରତ୍ୟେକ କମ୍ୟୁନିଷ୍ଟ ତାର ଶେଷ ଶକ୍ତି ଖଟେଇବ ।

ପ୍ରଥମତରେ—ସବୁଠୁଁ ମୁଖ୍ୟକଥା ହେଉଛି ଯେ, ପାର୍ଟି ଜନ-ଆନ୍ଦୋଳନକୁ ଚଳାଇବାରେ, ନିଜ ପାରଗତା ଦେଖାଇବ । ଜନସାଧାରଣଙ୍କର ଲଢୁଆ ଶକ୍ତି ଯେପରି ଖୁବ୍ ବଢ଼େ ଏବଂ ଲୋକଙ୍କ ଭିତରେ ଯେପରି ଏକତା ରହେ, ଏଥିପ୍ରତି ନିଜର ସୁଦୃଢ଼ କର୍ତ୍ତବ୍ୟ କରିବ । ଏହି ଗଣଆନ୍ଦୋଳନକୁ ପରିଚାଳିତ କରି ପାର୍ଟି ଶ୍ରମିକ ସଂଘ, କୃଷକ ସଂଘ ପ୍ରଭୃତି ମିଳିତ ଗଣପ୍ରତିଷ୍ଠାନ ଗଢି ବିଚ୍ଛେଦବାଦୀଙ୍କ ବିଭେଦ ନୀତିକୁ ପଣ୍ଡ କରିବ ।

Digitized by srujan ka@gmail.com

ଦ୍ୱିତୀୟରେ—ପାର୍ଟି ବିଶେଷ ଉଦ୍ୟମ କରି ଏବଂ ଲଢ଼ୁଆ ଜନସାଧାରଣଙ୍କ ଭିତରୁ ରାଜନୈତିକ ଚେତନା ଥିବା ଲୋକଙ୍କୁ ପାର୍ଟି ଭିତରକୁ ଆଣିବ । ବିଶେଷତଃ ଏଇ ଲଢ଼େଇରେ ଭାଗ ନେଉଥିବା ଶ୍ରମିକ, କୃଷକମାନଙ୍କ ଭିତରୁ ଶହ ଶହ ସଂଖ୍ୟାରେ ପାର୍ଟି ସଭ୍ୟ କରି ପାର୍ଟିକୁ ଖଟିଖିଆଙ୍କର ପ୍ରାଣ ଅନୁଷ୍ଠାନରେ ପରିଣତ କରିବ ।

ତୃତୀୟରେ—ପାର୍ଟି ଜନସାଧାରଣଙ୍କର ରାଜନୈତିକ ନେତା ହିସାବରେ ଗଢ଼ି ଉଠିବା ଦରକାର । ଲଢ଼ୁଆ ଜନତାକୁ ରାଜନୈତିକ ଶିକ୍ଷା ଦେବାକୁ ହେବ । ପାର୍ଟିର ମୁଖ୍ୟ ରାଜନୈତିକ ରଣଚାଲ ଓ ଗଣତାନ୍ତ୍ରିକ ବିପ୍ଳବର କାର୍ଯ୍ୟକ୍ରମକୁ ମୂଳଲକ୍ଷ୍ୟ କରି ଏହି ରାଜନୈତିକ ଶିକ୍ଷା ଦିଆଯିବ । [ସବୁ ଶ୍ରେଣୀର ଲୋକଙ୍କର ଗୁରୁତର ଓ ମୁଖ୍ୟ ସମସ୍ୟାଗୁଡ଼ିକୁ ବହିପତ୍ର ଆକାରରେ ପ୍ରକାଶ କରିବା ।]

ଚତୁର୍ଥରେ—ସମସ୍ତ ପାର୍ଟି ସାଥୀଙ୍କର ବ୍ୟାପକ ରାଜନୈତିକ ଶିକ୍ଷା ଲାଗି ପାର୍ଟି ବନ୍ଦୋବସ୍ତ କରିବ । ପାର୍ଟିର କାର୍ଯ୍ୟକ୍ରମ ଓ ନୀତି ମାର୍କସବାଦ୍ ଓ ଲେନିନବାଦର ମୌଳିକ ନୀତି, ଗଣ ଅନୁଷ୍ଠାନରେ ପ୍ରତ୍ୟକ୍ଷ କାର୍ଯ୍ୟର କୌଶଳ ସମ୍ବନ୍ଧରେ ପାର୍ଟି ସାଥୀମାନଙ୍କୁ ଶିକ୍ଷା ଦିଆଯିବ । ଏହି ଶିକ୍ଷା ଦେଲାବେଳେ ବିଭିନ୍ନ ସ୍ତରର ସାଥୀମାନଙ୍କ ପାଇଁ ବିଭିନ୍ନ ସ୍ତରର ପାଠ୍ୟକ୍ରମ ଓ ପାଠଚକ୍ର ତିଆରି କରିବାକୁ ହେବ ।

ଏହି ସାଂଗଠନିକ କାର୍ଯ୍ୟକୁ ପାର୍ଟି ଯେତିକି ପରିମାଣରେ ପୂରଣ କରିପାରିବ, ସେତେ ପରିମାଣରେ ଜଙ୍ଗୀ ବିପ୍ଳବର ଏହି ନୂଆ ଅଧ୍ୟାୟର ସଂଗଠକ ଆମ ପାର୍ଟି ହିଁ ହେବ; ଏବଂ ଲଢ଼େଇରେ ବିଜୟ ହାସଲ କରିପାରିବ ।

ସମାପ୍ତ

କଟକ ନବଯୁଗ ପ୍ରେସରେ ଶ୍ରୀ ଗୁରୁଚରଣ ପଟ୍ଟନାୟକଙ୍କ ଦ୍ୱାରା ମୁଦ୍ରିତ—୧୯୪୭

Digitized by srujan ka@gmail.com

ନବଯୁଗ ଗ୍ରନ୍ଥାଳୟ

କଟେଜ ରୋଡ଼, ପୋଃ ଅଃ ଚାନ୍ଦିନୀଚୌକ କଟକ

[illegible] ମାର୍କ୍ସବାଦୀ

ସାହିତ୍ୟ, ଉପନ୍ୟାସ, ରାଜନୀତି, ଅର୍ଥନୀତି

ମୂଳକ

ପୁସ୍ତକର ଭଣ୍ଡାର

ସୋଭିଏଟ୍‌ର ନାନା ପତ୍ରିକା, ସାହିତ୍ୟ, ଉପନ୍ୟାସ ମଧ୍ୟ ମିଳେ ।

ଓଡ଼ିଆ, ଇଂରାଜୀ, ବଙ୍ଗଳା ହିନ୍ଦୀ, ଉର୍ଦ୍ଦୁ ଭାଷାରେ ପୁସ୍ତକ ଓ

ପତ୍ରିକା ମିଳେ

★ ମୁକ୍ତି ଯୁଦ୍ଧ ★

କମ୍ୟୁନିଷ୍ଟ ପାର୍ଟିର ସାପ୍ତାହିକ ମୁଖପତ୍ର

କୃଷକ, ଶ୍ରମିକ, ଗଡ଼ଜାତ ପ୍ରଜା, ଅମଲା, ଛାତ୍ର ପ୍ରଭୃତି
ପ୍ରତ୍ୟେକ ସଂଗ୍ରାମକାରୀ ଜନତା ହାତରେ
ଏକମାତ୍ର ହତିଆର ।

ବାର୍ଷିକ ଦେୟ	ଟ ୪୲
ଷାଣ୍ମାସିକ	ଟ ୨୲
ତ୍ରୈମାସିକ	ଟ ୧୲୶

ମୁକ୍ତିଯୁଦ୍ଧ ଅଫିସ, ଚାନ୍ଦିନୀଚୌକ କଟକ

Digitized by srujan ka@gmail.com